RNI No.ODIODI/2010/33031
୧୬ ବର୍ଷ Volume-16
ISSUE -302 ସଂଖ୍ୟା-୩୦୨
ଭୁବନେଶ୍ୱର, ମଙ୍ଗଳବାର ୧୭ ଫେବୃଆରୀ ୨୦୨୬
Bhubaneswar, Tuesday 17 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ସବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ମାମଲା

# ୯ ଜଣିଆ ସମ୍ବିଧାନ ଖଣ୍ଡପୀଠ ଗଠନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୨(ନି.ପ୍ର.): କେରଳର ସବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ମାମଲାର ଶୁଣାଣି ପାଇଁ ସୋମବାର ସୁପ୍ରିମକୋର୍ଟ ଏକ ୯ ଜଣିଆ ସମ୍ବିଧାନ ଖଣ୍ଡପୀଠ ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି। ଏପ୍ରିଲ ୭ରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ଏପ୍ରିଲ ୨୨ ତାରିଖ ସୁଦ୍ଧା ଶେଷ ହେବ ବୋଲି ପ୍ରସ୍ତାବ ରହିଛି। ଖଣ୍ଡପୀଠରେ କିଏ କିଏ ରହିବେ



ସେ ସମ୍ପର୍କରେ ପ୍ରଧାନ ବିଚାରପତି ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଦେବେ। କୋର୍ଟ ପକ୍ଷଗୁଡ଼ିକୁ ମାର୍ଚ୍ଚ ୧୪ କିମ୍ବା ତା'ପୂର୍ବରୁ ସେମାନଙ୍କର ଲିଖିତ ଯୁକ୍ତି ଦାଖଲ କରିବାକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ, ସବରିମାଳା ମନ୍ଦିରରେ ସମସ୍ତ ବୟସ ବର୍ଗର ମହିଳାଙ୍କ ପ୍ରବେଶକୁ ଅନୁମତି ଦେଇଥିବା ରାୟର ସମୀକ୍ଷା ପାଇଁ ଆବେଦନକୁ ସମର୍ଥନ କରନ୍ତି। ସବରିମାଳା ରାୟର ସମୀକ୍ଷାକୁ ସମର୍ଥନ କରୁଥିବା ପକ୍ଷ ପାଇଁ ଖଣ୍ଡପୀଠ ଓକିଲ କ୍ରିଷ୍ଣ କୁମାର ସିଂହଙ୍କୁ ନୋଡାଲ ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି। ଏହାକୁ ବିରୋଧ କରୁଥିବା ପକ୍ଷ ପାଇଁ ଶାଶ୍ୱତି ପରିଙ୍କୁ ନୋଡାଲ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ଶିବମ ସିଂହଙ୍କ ସହିତ ବରିଷ୍ଠ ଓକିଲ କେ ପରମେଶ୍ୱରଙ୍କୁ ଆମିକସ୍ ଭାବରେ ନିଯୁକ୍ତ କରାଯାଇଛି। ସବରିମାଳା ମାମଲା ବ୍ୟତୀତ ସର୍ବୋଚ୍ଚ କୋର୍ଟ ମୁସଲିମ ମହିଳାମାନଙ୍କର ମସଜିଦ ଏବଂ ଦରଘାରେ ପ୍ରବେଶ ଏବଂ ଅଣ-ପାର୍ସି ପୁରୁଷଙ୍କ ସହ ବିବାହ କରିଥିବା ପାର୍ସି ମହିଳାମାନଙ୍କୁ ଆଗିଆରୀର ପବିତ୍ର ଅଗ୍ନିସ୍ଥଳରୁ ନିଷେଧ କରାଯିବା ପ୍ରସଙ୍ଗଗୁଡ଼ିକୁ ବୃହତର ଖଣ୍ଡପୀଠକୁ ପଠାଯାଇଥିଲା।

# ଆଜିଠୁ ବିଧାନସଭା ବଜେଟ୍ ଅଧିବେଶନ

ଭୁବନେଶ୍ୱର, ୧୬।୨(ନି.ପ୍ର.): ଆସନ୍ତାକାଲିଠୁ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହେବ। ୨୯ ଦିନ ଧରି ଚାଲିବ ଏହି ବଜେଟ୍ ସେସନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୦ ତାରିଖରେ ଗୃହରେ ବଜେଟ୍ ଉପସ୍ଥାପନ କରିବେ। ସେପଟେ ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସଂଗ ଧରି ପ୍ରସ୍ତୁତ ହୋଇରହିଛନ୍ତି

## ବସିଲା ସର୍ବଦଳୀୟ ବୈଠକ

। ଏଥର ବଜେଟ୍ ଅଧିବେଶନରେ ବହିବ ଧାନ ମଣ୍ଡି ଝଡ। ଗୃହରେ ଉଛୁଳିବ ମହାନଦୀ ଜଳ । ମୋଟରଯାନ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) କଟକଣାରୁ ନେଇ ଆଇନଶୃଙ୍ଖଳା ଓ ଏସଆଇଆର୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଂଗରେ ସରକାରଙ୍କୁ ହରଡ଼ ଘଣାରେ ପକାଇବାକୁ ପ୍ରୟାସ କରିବେ ବିରୋଧୀ ବିଜେଡି ଓ କଂଗ୍ରେସ । ଗୋଟି ଗୋଟି କରି ଜବାବ ମାଗି ଘେରିବେ । ସେପଟେ ବିରୋଧୀଙ୍କୁ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତ କରୁଛି ଶାସକ ବିଜେପି ।

ଏହାଛଡ଼ା ବଜେଟ୍ ଅଧିବେଶନକୁ ସୁରୁଖୁରୁ ଚଳାଇବା ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ମିଟିଂରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ସେହିପରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ସାମିଲ ହୋଇଥିଲେ । ଗୃହ କିପରି



ଶାନ୍ତି ଶୃଙ୍ଖଳାରେ ଚାଲିବ ଏହା ଉପରେ ଆଲୋଚନା କରିଛନ୍ତି ବିଧାନସଭା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ଏମିତି ପ୍ରସଙ୍ଗର ପାହାଡ ଉପରେ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ୍ ଅଧିବେଶନ। ଦୁଇଟି ପର୍ଯ୍ୟାୟରେ ୨୮ ଦିନ ଚାଲିବ। ଅଧିବେଶନକୁ ସୁରୁଖୁରୁରେ ପରିଚାଳନା କରିବାକୁ ସୋମବାର ବାଚସ୍ପତି ସର୍ବଦଳୀୟ ବୈଠକ କରିଛନ୍ତି। ବିଜେପି, ବିଜେଡି ଓ କଂଗ୍ରେସର ବିଧାୟକ ଦଳ ବୈଠକ ବସି ରଣନୀତି ପ୍ରସ୍ତୁତ କରିଛନ୍ତି।

ମୁକାବିଲା ପାଇଁ ବିଜେପି ମଧ୍ୟ ରଣନୀତି କରୁଛି। ଏଥର ବିଧାନସଭା ଅଧିବେଶନ ସମୟରେ ରାଜ୍ୟସଭା ନିର୍ବାଚନ ଥିବାରୁ ଅଧିବେଶନଟି ସରଗରମ ରହିବ। ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇବା ନିଷ୍ପତ୍ତିକୁ ବିରୋଧୀ ପୂର୍ବରୁ ବିରୋଧ କରୁଥିବାବେଳେ ରାଜ୍ୟ ସରକାର ଏବେ ଟାଟା ପାୱାରକୁ ମିଟର ଲଗାଇବାକୁ ୭୩୫ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ତେଣୁ ଏହି ପ୍ରସଙ୍ଗ ଉଠିବ । ଏସଆଇଆର୍ ଓଡିଶାରେ କେବେ ଆରମ୍ଭ ହେବ ତାହା ଘୋଷଣା ହୋଇନଥିଲେ ହେଁ ଏ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏପରିକି ଏସଆଇଆର୍ ପାଇଁ ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟା ସରିଲାଣି। ତେଣୁ କ୍ଷେତ୍ର ସ୍ତରରେ ଦେଖାଯାଉଥିବା ସମସ୍ୟାକୁ ନେଇ ଉଭୟ କଂଗ୍ରେସ ଓ ବିଜେଡି ଗୃହରେ ଉଠାଇପାରନ୍ତି ।

ରାଜ୍ୟରେ ବାଲି, ଲଘୁ ଖଣିଜ ଚୋରା ଚାଲାଣ ସାଂଘାତିକ ରୂପ ଧାରଣ କରିଥିବାରୁ ଏହାକୁ ନେଇ ଗୃହ ହୁଲସ୍ଥୁଲ ହେବ । ଏସବୁ ବାଦ୍ ଗଜପତିରେ କୁନି ଶିଶୁକୁ ଦୁଷ୍କର୍ମ, ରାଜଧାନୀରେ ଏକାଧିକ ହତ୍ୟାକାଣ୍ଡ, ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ହିଂସା ବିବା ଭଳି ପ୍ରସଙ୍ଗ ଉଠିବ । କେଉଁ ଦିନ କିପରି ଢଙ୍ଗରେ କେଉଁ ପ୍ରସଙ୍ଗ ଉଠିବ ତାହାକୁ ନେଇ ବିରୋଧୀ ପୂରା ରଣନୀତି ପ୍ରସ୍ତୁତ କରିଥିବାବେଳେ ଏହାର କିପରି ଠିକ୍ ମୁକାବିଲା କରାଯିବ ସେ ସଂକ୍ରାନ୍ତରେ ଶାସକ ଦଳ ପକ୍ଷରୁ ବିଭିନ୍ନ ବିଧାୟକଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। କେନ୍ଦ୍ର ସରକାରଙ୍କ ଫୋକସ୍‌ରେ ଓଡିଶା ଅଛି, ଚଳିତ ବଜେଟ୍‌ରେ କେଉଁ ଦିଗକୁ ଫୋକସ୍ କରାଯାଇଛି, କି କି ନୂଆ ଯୋଜନା ହେବ, ପୂର୍ବର ବିଜେଡି ସରକାର ତୁଳନାରେ କିପରି ଏବେ ତ୍ୱରିତ ପଦକ୍ଷେପ ନିଆଯାଉଛି, ରାଜ୍ୟ ସରକାର କିପରି ଦୁର୍ନୀତି ଏବଂ ଅପରାଧ ପ୍ରତି ଶୂନ୍ୟ ସହନଶୀଳତା ଆପଣାଇଛନ୍ତି ତା'ର ତାଲିକା ଦେଇ ବିରୋଧୀଙ୍କ ଚୁପ୍ କରାଇବାକୁ କୁହାଯାଇଛି।

ଏଥର ଅଧିବେଶନରେ ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡଙ୍କ ଆସନ ବଦଳିବ। ବିଜେଡି ବିଧାୟକଙ୍କ ଗହଣରେ ସେମାନେ ନ ବସି ଅନ୍ୟତ୍ର ବସିବେ। ଆସନ ବଦଳିବା ସହ ସେମାନଙ୍କ ଆଭିମୁଖ୍ୟ ବି ବଦଳିବ। ସନାତନ ଯଦିଓ ବିଧାନସଭାରେ ସେତେ ସକ୍ରିୟ ନଥିଲେ କିନ୍ତୁ ପ୍ରଥମ ଥର ବିଧାୟକ ଅରବିନ୍ଦ ଶାସକ ଦଳକୁ ନୟାନ୍ତ କରୁଥିଲେ। ଯେଉଁ ଆଭିମୁଖ୍ୟ ପାଇଁ ଅରବିନ୍ଦ ବିଜେଡିରୁ ନିଲମ୍ବିତ ହେଲେ ବୋଲି କୁହାଯାଉଛି ତାହାକୁ ସେ କାହା ବିରୋଧରେ ଏବେ ପ୍ରୟୋଗ କରିବେ ତାହା ଉପରେ ସମସ୍ତଙ୍କର ନଜର ରହିବ।

# ଗଣତି ମଣତିର ଏସଓପି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ବିସ୍ତୃତ ଆଲୋଚନା

ଭୁବନେଶ୍ୱର, ୧୬।୨(ନି.ପ୍ର.): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଖୁବ୍ ଶୀଘ୍ର ଗଣତି-ମଣତି ଆରମ୍ଭ ହେବ। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହା ଜଣା ଯାଇଛି ।ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସୂଚନାଯୋଗ୍ୟ ଯେ, ଗଣତି-ମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତି ମଧ୍ୟରେ ସରିଛି । ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି। ବର୍ତ୍ତମାନ ଗଣତି-ମଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।



ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଗଣତି-ମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଝଡଂଚ ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ। କଡା ସୁରକ୍ଷା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ।

ସୂଚନାଯୋଗ୍ୟ ଯେ, ଶେଷ ଗଣତି-ମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା। ତେଣୁ ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳକ କରାଯାଇ ଚୁଡାନ୍ତ ତାଲିକା ପ୍ରସ୍ତୁତ କରାଯିବ। ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହିତ ଡିଜିଟାଲ୍ କାଟାଲଗ୍ ପ୍ରସ୍ତୁତ କରାଯିବ ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଚଳିତ ବର୍ଷର ରଥଯାତ୍ରାର ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାସି କାଠ ଓ ଚନ୍ଦନ କାଠର ବ୍ୟାପକ ଆବଶ୍ୟକତା ରହୁଥିବାରୁ ଏଥିପାଇଁ ବନପ୍ରକଳ୍ପ ଜରିଆରେ ଏହି ଗଛ ଗୁଡିକ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଆବୁ ସାଲେମର ମୁକ୍ତିକୁ ନା

ନୂଆଦିଲ୍ଲୀ, ୧୬।୨(ନି.ପ୍ର.): ୧୯୯୩ ମୁମ୍ବାଇ ବୋମା ବିସ୍ଫୋରଣରେ ଦୋଷୀ ସାବ୍ୟସ୍ତ ହୋଇଥିବା ଗ୍ୟାଙ୍ଗଷ୍ଟର ଆବୁ ସାଲେମଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ଲାଗିଛି। ସୁପ୍ରିମକୋର୍ଟ ସାଲେମଙ୍କ ମୁକ୍ତି ଆବେଦନକୁ ଖାରଜ କରିଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ସାଲେମଙ୍କ ଆଇନଜୀବୀ ଯୁକ୍ତି ଦର୍ଶାଇଥିଲେ ଯେ, ତାଙ୍କ ମହକିଲ ୨୫ ବର୍ଷର ଜେଲଦଣ୍ଡ ପୂରଣ କରିଛନ୍ତି। ତାଙ୍କୁ ମୁକ୍ତ କରାଯିବା ଉଚିତ। ଆଇନଜୀବୀ କହିଥିଲେ,ଯେ ସାଲେମଙ୍କୁ ୧୧ ନଭେମ୍ବର ୨୦୦୫ରେ ହେପାଜତକୁ ନିଆଯାଇଥିଲା। ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଆଇନଜୀବୀ ଜେଲ୍‌ରୁ ମୁକ୍ତ କରାଯିବା ବଦଳରେ ୨୫ ବର୍ଷ ଜେଲଦଣ୍ଡର ସାମିଲ କରି ଗଣନା କରୁଛନ୍ତି। ସୂଚନାଯୋଗ୍ୟ ଆବୁ ସାଲେମଙ୍କୁ ପର୍ତ୍ତୁଗାଲରୁ ପ୍ରତ୍ୟର୍ପଣ କରାଯାଇଥିଲା। ଭାରତ ଓ ପର୍ତ୍ତୁଗାଲ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ, ସାଲେମଙ୍କୁ ମୃତ୍ୟୁଦଣ୍ଡ କିମ୍ବା ୨୫ ବର୍ଷରୁ ଅଧିକ ଜେଲଦଣ୍ଡ ଦିଆଯାଇପାରିବ ନାହିଁ।

# ଆଜିଠୁ ସିବିଏସ୍ଇ ପରୀକ୍ଷା

ନୂଆଦଦିଲ୍ଲୀ, ୧୬।୨: ଆସନ୍ତାକାଲି ମଙ୍ଗଳବାର ଠାରୁ ଆରମ୍ଭ ହେବାକୁ ଯାଉଛି ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷା। ଚଳିତ ଥର ୪୬ ଲକ୍ଷରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହା ପୂର୍ବରୁ ନିୟମକୁ କଡ଼ାକଡ଼ି କରିଛି ସିବିଏସସି। ସକାଳ ୧୦ କିମ୍ବା ତା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ସିବିଏସଇ ନିର୍ଦ୍ଦେଶ ଦେଇଛି।

### ୧୦ଟା ସୁଦ୍ଧା ପହଞ୍ଚିବାକୁ ନିର୍ଦ୍ଦେଶ

୧୦ଟା ୩୦ରୁ ପରୀକ୍ଷା ଆରମ୍ଭ, ତେଣୁ ୧୦ଟା ସୁଦ୍ଧା ପହଞ୍ଚିବା ଜରୁରୀ। ଦୂରତା କିମ୍ବା ଅନ୍ୟ ପ୍ରତିକୂଳ ସ୍ଥିତିକୁ ଦେଖି ଆଗୁଆ ବାହାରିବାକୁ ପରାମର୍ଶ ଦିଆଯାଇଛି। ତେବେ ନିର୍ଦ୍ଧାରିତ ସମୟ ପୂର୍ବରୁ ନପହଞ୍ଚିଲେ ସେମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବାକୁ ବାରଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଏନେଇ ସ୍କୁଲ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ପରାମର୍ଶାବଳୀ ଜାରି କରିଛି ସିବିଆଇ। ତେବେ ମଙ୍ଗଳବାର ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ସବୁ ସେଣ୍ଟରରେ କଡାକଡି ଚେକିଂ ହେବା ନେଇ ସୂଚନା ରହିଛି।

# ପଞ୍ଚାୟତ ଭୋଟ୍ ପାଇଁ ବିଜେଡିର କସରତ

ଭୁବନେଶ୍ୱର, ୧୬।୨(ନି.ପ୍ର) ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ। ପୁଣି ନୂଆ ଏନ୍ଏସି ଓ ମହାନଗର ନିଗମରେ ବି ନିର୍ବାଚନ ପାଇଁ କସରତ ଆରମ୍ଭ ହେଲାଣି। ତେଣୁ ନିର୍ବାଚନ ଆଗରୁ ତୃଣମୂଳସ୍ତରରେ ଦଳକୁ ଏକାଠି କରିବାକୁ ବିଜେଡି ଅଣ୍ଟା ଭିଡିଛି । ନିଜର ପାରମ୍ପରିକ ମହିଳା ଭୋଟ୍ ବ୍ୟାଙ୍କକୁ ନିଜ ଆଡକୁ ଭିଡିବାକୁ ବିଶାଳ ମହିଳା ଟିମ୍ ଗଢ଼ିଛି । ରାଜ୍ୟ କମିଟି ସହ ଜିଲ୍ଲା ଓ ଜୋନ୍ ସ୍ତରରେ ସକ୍ରିୟ ନେତ୍ରୀଙ୍କୁ ଦାୟିତ୍ୱ ଦେଇଛି ଦଳ । ରାଜ୍ୟ କମିଟିରେ ୧୫୮ ଜଣ ସ୍ଥାନ ପାଇଛନ୍ତି । ଏଥିରେ ୧୮ଜଣଙ୍କୁ ବରିଷ୍ଠ ଉପସଭାପତି, ୪୬ଜଣଙ୍କୁ ଉପସଭାପତି, ୫୧ଜଣଙ୍କୁ ସାଧାରଣ ସମ୍ପାଦକ ଓ ୪୩ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

୨୬ ଜିଲ୍ଲାରେ ବିଜୁ ମହିଳା ଜନତା ଦଳର ସଭାପତି ଦାୟିତ୍ୱ ବଣ୍ଟାଯାଇଛି । ଏଥିରୁ ୭ଟି ଜିଲ୍ଲାରେ ଜିଲ୍ଲା ସଭାପତି ସମେତ କାର୍ଯ୍ୟକାରୀ ସଭାପତିଙ୍କୁ ବି ରଖାଯାଇଛି । ପୁଣି କିଛି ଜିଲ୍ଲା ଓ ସହରକୁ ମିଶାଇ ଜୋନ୍ ଗଢ଼ାଯାଇଛି । ୭ଟି ଜୋନ୍‌ରେ ୧୩ଜଣଙ୍କୁ ଜୋନ୍ ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛନ୍ତି ବିଜେଡି ସୁପ୍ରିମୋ । ବିଜୁ ମହିଳା ଜନତା ଦଳର ରାଜ୍ୟ କମିଟିରେ କନକପ୍ରଭା ଲେଙ୍କା, ଉମାଦେବୀ ଅଗ୍ରୱାଲ, କ୍ୟୁ ସୁଲତାନା, ବାସନ୍ତୀ ମଲ୍ଲିକ, ଉଷାରାଣୀ ମହାନ୍ତି, ସାରଳା ସ୍ୱାଇଁ, ସୁନୀତି ସିଂ, ଶକୁନ୍ତଳା ମହାପାତ୍ର, ସନ୍ଧ୍ୟାରାଣୀ ବିଶ୍ୱାଳ, ସବିତା ମହାପାତ୍ର, ଉଷା ପ୍ରଧାନ, ସଂଯୁକ୍ତା ମହାନ୍ତି, ଜୟଶ୍ରୀ ଦାସ, ଗୋପା ମହାନନ୍ଦ, ଶାନ୍ତିଲତା ପ୍ରଧାନ, ଶକୁନ୍ତଳା ସାହୁ, ସୁଭଦ୍ରା ଦାଶ ଓ ସ୍ନେହାଞ୍ଜଳି ମହାନ୍ତିଙ୍କୁ ବରିଷ୍ଠ ଉପସଭାପତି ନିଯୁକ୍ତ କରାଯାଇଛି ।

# ରାଜପାଳଙ୍କୁ ଜାମିନ

ନୂଆଦିଲ୍ଲୀ ୧୬।୨(ନି.ପ୍ର.): ଦିଲ୍ଲୀ ହାଇକୋର୍ଟରୁ ରାଜପାଲ ଯାଦବଙ୍କୁ ମିଳିଲା ଜାମିନ । କୋର୍ଟ ତାଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି, କିନ୍ତୁ ଏକ ସର୍ତ୍ତ ସହିତ। ହାଇକୋର୍ଟ ରାଜପାଲ ଯାଦବଙ୍କ ଓକିଲଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇଁ ୧.୫ କୋଟି ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଦାଖଲ କରିବାକୁ ଅପରାହ୍ନ ୩ଟା ପର୍ଯ୍ୟ୍ୟନ୍ତ ସମୟ ଦେଇଥିଲେ। ଏହି ସମୟ ମଧ୍ୟରେ ରାଜପାଲ କୋର୍ଟରେ ୧.୫କୋଟି ଟଙ୍କା ଜମା କରିଛନ୍ତି । କୋର୍ଟ କହିଥିଲେ ଯେ ଯଦି ସେ ଆଜି ଅପରାହ୍ନ ୩ଟା ସୁଦ୍ଧା ଡିମାଣ୍ଡ ଡ୍ରାଫ୍ଟ ଦାଖଲ କରନ୍ତି, ତେବେ ତାଙ୍କୁ ଜାମିନ ପ୍ରଦାନ କରାଯିବ। ଯଦି ସେ ଏପରି କରିବାରେ ବିଫଳ ହୁଅନ୍ତି, ତେବେ ମାମଲାର ପରବର୍ତ୍ତୀ ନିଷ୍ପତ୍ତି ଫେବୃଆରୀ ୧୭ ତାରିଖରେ ଘୋଷଣା କରାଯିବ।

# ରାସାୟନିକ କାରଖାନାରେ ବିସ୍ଫୋରଣ, ୮ ମୃତ

ଭିୱାଡି, ୧୬।୨(ନି.ପ୍ର.): ଆଜି ରାଜସ୍ଥାନର ପ୍ରମୁଖ ଶିଳ୍ପ କେନ୍ଦ୍ର ଭିୱାଡିର ଖୁସଖେଡା ଅଞ୍ଚଳରେ ଘରୋଇ ରାସାୟନିକ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ପରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୮ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ବହୁ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଦୁର୍ଘଟଣାରେ ସାତ ଜଣ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଭିତରେ ଫସି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି। ଘଟଣା ସମୟରେ କାରଖାନାରେ ୨୦ ରୁ ୨୫ ଜଣ ଶ୍ରମିକ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ କିଛି ଲୋକ ଜୀବନ ବଞ୍ଚାଇ ବାହାରକୁ ପଳାଇବାରେ ସଫଳ ହୋଇଥିବା କୁହାଯାଉଛି। ଖୁସଖେଡା ଶିଳ୍ପ ଅଞ୍ଚଳର ପ୍ଲଟ୍ ନମ୍ବର ଜି-୧-୧୧୮-ବି ରେ ଏହି ଦୁର୍ଘଟଣା ଘଟିଛି। ସକାଳେ, ଶ୍ରମିକମାନେ କାମରେ ବ୍ୟସ୍ତ ଥିବା ସମୟରେ, କାରଖାନାର ଏକ ଅଂଶରୁ ହଠାତ୍ ନିଆଁ ଉଠିବାକୁ ଲାଗିଲା। ପୁଲିସ ନିୟନ୍ତ୍ରଣ କକ୍ଷ ପୂର୍ବାହ୍ନ ୯:୨୨ରେ ରେ ଏକ ରିପୋର୍ଟ ପାଇଥିଲା। କାରଖାନାରେ ସାଇରନ୍ ବାଜି ଉଠିଥିଲା। ଏନେଇ ଅଗ୍ନିଶମ ବାହିନୀକୁ ତୁରନ୍ତ ସତର୍କ କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, କାରଖାନା ଭିତରେ ଗଚ୍ଛିତ ରାସାୟନିକ ପଦାର୍ଥ କିମ୍ବା ଜ୍ୱଳନଶୀଳ ପଦାର୍ଥ ଯୋଗୁଁ ନିଆଁ କିଛି ମିନିଟ୍ ମଧ୍ୟରେ ଦ୍ରୁତ ଗତିରେ ବ୍ୟାପିଯାଇଥିଲା। ଏହା ସମଗ୍ର କୋଠାକୁ ଗ୍ରାସ କରିଦେଇଥିଲା। ନିଆଁର ଶିଖା ଦୂରକୁ ଦେଖାଯାଉଥିଲା। ଚାରିଆଡେ କଳାଧୂଆଁ ବ୍ୟାପି ଯାଇଥିଲା। ସୂଚନା ପାଇବା ପରେ ପୁଲିସ, ଅଗ୍ନିଶମ ଗାଡ଼ି ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯେତେବେଳେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରି କୋଠାରେ ପ୍ରବେଶ କରିଥିଲେ, ସେତେବେଳେ ଦୃଶ୍ୟ ଭୟଙ୍କର ଥିଲା।

## ଡାହୁକ



ବିଛାର ମନ୍ତ୍ର ଜାଣି ସାପ ଗାତେ ହାତ
ପୁରାନ୍ତି ନେବାକୁ ନାମ
କଥା ବଡ ବଡ କହିଲେ ବି
ନ ଦେଖେଇ ପାରି କାମ
ଗୋଦରା ଧରିକି କୋଡି
ନିଜ ଢୋଲ ନିଜେ କୁଟି ରଡୁଛନ୍ତି
ଆଚ୍ଛାଦିନ ଆସେ ମାଡି।

-ବିଧୂ

# ୩ଲକ୍ଷ କୋଟି ଟପିପାରେ ରାଜ୍ୟ ବଜେଟ୍

ଭୁବନେଶ୍ୱର, ୧୬।୨(ନି.ପ୍ର.): ଫେବ୍ରୁଆରି ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବେ। ଏହା ପୂର୍ବରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ମନ୍ତ୍ରୀ ପରିଷଦ ବୈଠକରେ ଚିଠା ବଜେଟ୍‌କୁ ଅନୁମୋଦନ ମିଳିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ୩ ଲକ୍ଷ କୋଟି ଟପିପାରେ। କେଉଁ କେଉଁ ଦିଗକୁ ବଜେଟ୍‌ରେ ଫୋକସ୍ ଦିଆଯିବ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିବାବେଳେ ଆସନ୍ତା ଆର୍ଥିକ ବର୍ଷରେ ଏହାକୁ ଆହୁରି ପ୍ରାୟ ୧୫ହଜାରରୁ ୨୦ହଜାର କୋଟି ଟଙ୍କା ବାଢ଼ାଇବାକୁ ନିଷ୍ପତ୍ତି ହୋଇଛି। ତେଣୁ ପୂର୍ଣ୍ଣାଙ୍ଗ ବଜେଟ୍ ୩ଲକ୍ଷ ୧୦ହଜାର କୋଟି ଛୁଇଁପାରେ ବୋଲି କୁହାଯାଉଛି। ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ପାଇଁ ରାଜ୍ୟ ସରକାର ଯେଉଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି ତାହାକୁ ନଜରରେ ରଖି ବଜେଟ୍‌ରେ ଅର୍ଥ ବରାଦ ହେବ। ବହୁ ଯୋଜନା ପାଇଁ ୩ ବର୍ଷୀୟା ଟାର୍ଗେଟ୍ ରଖି ଅର୍ଥ ବରାଦ ହେବ।

ଅପରପକ୍ଷେ ଆଗକୁ ରାଜ୍ୟରେ ପଞ୍ଚାୟତ ଓ ପେର ନିର୍ବାଚନ ଥିବାରୁ ଏହାକୁ ନଜରରେ ରଖି ବଜେଟ୍ ପ୍ରସ୍ତୁତ ହୋଇଛି। ବିଶେଷ କରି ବିକଶିତ ଗାଁ ବିକଶିତ ଓଡିଶାରେ ଅଧିକ ପ୍ରକଳ୍ପ କରିବା, ଗ୍ରାମାଞ୍ଚଳ ପାଇଁ ଆଉ କେତୋଟି ନୂଆ ଯୋଜନା କରିବାକୁ ନିଷ୍ପତ୍ତି ହୋଇଛି। ମେଗା ପାନୀୟ ଜଳ ପ୍ରକଳ୍ପଗୁଡିକ ପାଇଁ ରାଜ୍ୟ ସରକାର ଆଗୁଆ ଅର୍ଥ ଅନୁମୋଦନ କରିବାକୁ ଥିବାରୁ ସେଥିପାଇଁ ପଞ୍ଚାୟତିରାଜ ବିଭାଗକୁ ଅଧିକ ଅର୍ଥ ଦିଆଯିବ। ଅନ୍ତ୍ୟୋଦୟ ଗୃହ ଯୋଜନା, ମନରେଗାରୁ ରାମ୍ ଜି ଭି ରାମ୍ ଜି ଯୋଜନା ହେବାକୁ ଥିବାରୁ ଏଥିରେ ରାଜ୍ୟ ଅଂଶ ବିବ। ତେଣୁ ଏଥିପାଇଁ ଅଧିକ ଅର୍ଥ ବରାଦ ହେବ ବୋଲି ଜାଣିବାକୁ ମିଳିଛି। ଗ୍ରାମାଞ୍ଚଳରେ ଗମନାଗମନକୁ ସୁଦୃଢ କରିବାକୁ ଅଧିକ ରାସ୍ତା ନିର୍ମାଣ କରାଯିବ। ଏ ବାବଦକୁ ବି ଅଧିକ ଅର୍ଥ ବରାଦ ହେଉଛି। ୩୬ଟି ସହରାଞ୍ଚଳରେ ଜୁନ୍ ମାସ ସୁଦ୍ଧା ପେର ନିର୍ବାଚନ ହେବାକୁ ଥିବାରୁ ସେହି ଅଞ୍ଚଳ ପାଇଁ ନୂଆ ପ୍ରକଳ୍ପ ଭେଟି ଦେବା, ୨୦୨୭ ଆରମ୍ଭରେ ପେର ନିର୍ବାଚନ ଥିବାରୁ ସମସ୍ତ ସହରାଞ୍ଚଳକୁ



ଫୋକସ୍ କରି ନୂଆ ଯୋଜନା ଆରମ୍ଭ କରିବାକୁ ଚଳିତ ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି। ସହରାଞ୍ଚଳ ଭିଡ କମାଇବା ପାଇଁ ବହୁ ନୂଆ ପ୍ରକଳ୍ପ ହାତକୁ ନିଆଯିବ। ପଞ୍ଚାୟତିରାଜ ବିଭାଗ ଭଳି ନଗର ଉନ୍ନୟନ ବିଭାଗକୁ ଗୁରୁତ୍ୱ ଦିଆଯିବ। ପଞ୍ଚାୟତ ଓ ପେର ନିର୍ବାଚନ ପାଇଁ ବି ଅର୍ଥ ବରାଦ ହେବ।

ସେହିପରି ପୂର୍ବ ବର୍ଷଗୁଡିକ ଭଳି ରାଜ୍ୟ ସରକାର କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପୂର୍ତ୍ତ ଓ ଜଳସମ୍ପଦ ବିଭାଗକୁ ଫୋକସ୍ ଦେବେ। ସବୁ ଉପଖଣ୍ଡରେ ଶୀତଳ ଭଣ୍ଡାର ସ୍ଥାପନ, ସାମାଜିକ ସୁରକ୍ଷା ଭତ୍ତା ବୃଦ୍ଧି, ଧାନ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଇନପୁଟ୍ ସବ୍‌ସିଡି, ଜଳସେଚନ ବୃଦ୍ଧି, ଆୟୁଷ୍ମାନ ଭାରତ, ସୁଭଦ୍ରା ଯୋଜନାରେ ଏଥର ଗତବର୍ଷ ତୁଳନାରେ ଅଧିକ ଅନୁଦାନ ଦିଆଯିବ। ୫ବର୍ଷରେ ୭୫ହଜାର କିମି ରାସ୍ତା ନିର୍ମାଣ କରିବାର ଲକ୍ଷ୍ୟ ଥିବାବେଳେ ଆଉ ୩ବର୍ଷ ହାତରେ ଥିବାରୁ ବଡ ରାସ୍ତା ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହେବ। ନୂଆ ଲୋକସେବା ଭବନ, ବିଧାନସଭା କୋଠା, ଜୟଦେବ-ବିହାର ନନ୍ଦନକାନନ ରାସ୍ତାରେ ଏକାଧିକ ଫ୍ଲାଏଓଭର ନିର୍ମାଣ ହେବାକୁ ଥିବାରୁ ଏଥିପାଇଁ ସ୍ୱତନ୍ତ୍ର ଅର୍ଥ ବରାଦ ହେବ। ରାଜ୍ୟ ସରକାର ଭୁବନେଶ୍ୱର-ପୁରୀ-କଟକ-ପାରାଦୀପକୁ ନେଇ ନୂଆ ଅର୍ଥନୈତିକ ଜୋନ୍ ଗଠନ କରିଥିବାରୁ ଏହି ଅଞ୍ଚଳରେ ବିଭିନ୍ନ ନୂଆ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ବଜେଟ୍‌ରେ ଅର୍ଥ ବରାଦ କରିବେ। ବିଦେଶକୁ ବିମାନ ଚଳାଚଳ ଉପରେ ଭିଜିଏଫ୍ ନିଷ୍ପତ୍ତି ସହ ଆଉ କେଉଁ ନୂଆ ଅଞ୍ଚଳକୁ ବିମାନ ଉଡିବ ସେନେଇ ବି ନିଷ୍ପତ୍ତି ନେବେ। ପୁଲିସ ବିଭାଗର ଆଧୁନିକୀକରଣ, ସାଇବର ସୁରକ୍ଷା ବୃଦ୍ଧି ପାଇଁ ସରକାର ବଡ ପଦକ୍ଷେପ ନେବାକୁ ଯାଉଛନ୍ତି। ସେହିପରି ବିଧାୟକଙ୍କ ବର୍ଦ୍ଧିତ ଦରମା ନିଷ୍ପତ୍ତି ପ୍ରତ୍ୟାହାର ହୋଇଥିବାରୁ ଏନେଇ ଆସନ୍ତା ଅଧିବେଶନରେ ନିଷ୍ପତ୍ତି ହେବାର ଅଛି। ତେଣୁ ବଜେଟ୍‌ରେ ସଂଶୋଧିତ ଦରମାକୁ ନେଇ ଅନୁଦାନ ବ୍ୟବସ୍ଥା ରହିବ। ଏହାବାଦ୍ କେନ୍ଦ୍ର ବଜେଟ୍‌ରେ ଓଡିଶାକୁ ଯେଉଁ ଯେଉଁ ଯୋଜନାରେ ଅର୍ଥ ମିଳିବ ତାହାକୁ ନଜରରେ ରଖି ରାଜ୍ୟ ଅଂଶ ବାବଦକୁ ଅର୍ଥ ବରାଦ କରାଯିବ। ଏହାସହ ରାଜ୍ୟ ସରକାର ଚିରାଚରିତ ରାଜସ୍ୱ ଆଦାୟ ବାଦ୍ ଅନ୍ୟ କେତୋଟି ଦିଗରୁ ରାଜସ୍ୱ ଆଦାୟ କରିବାକୁ ଯୋଜନା କରିଛନ୍ତି। ତାହା ଆସନ୍ତା ବଜେଟ୍‌ରେ ସ୍ପଷ୍ଟ ହେବ ବୋଲି ଜାଣିବାକୁ ମିଳିଛି।



# ଚଳ ଚଞ୍ଚଳ ଶୈବ ପୀଠ

**ଅସ୍ତରଙ୍ଗ, ୧୬।୨:(ମନ୍ଥନ)** ମହାଶିବରାତ୍ରି ଅଥବା ଜାଗର ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ସର୍ବପୁରାତନ ଶୈବପୀଠ ସହ ବିଭିନ୍ନ ଶୈବପୀଠରେ ଜାଗର ପାଇଁ ଚଳଚଞ୍ଚଳ ହୋଇଉଠିଛି । ରଙ୍ଗବେରଙ୍ଗରେ ଆଲୋକମାଳାରେ ସଜେଇ ହେଉଛି ମନ୍ଦିର । ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତି ବର୍ଷ ପରି ଶିବ ମନ୍ଦିର ପରିସରକୁ ସଫା ସୁତୁରା କରିବା ସହିତ ରଙ୍ଗ ମାରିବା, ସୁନ୍ଦର ସାଜସଜ୍ଜା ଦେଖିବାକୁ ମିଳିଛି । ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଜୀୟୁନ୍ତି ର ବାବା ଇଶ୍ୱରନାଥ , ଅସ୍ତରଙ୍ଗ ଗ୍ରାମରେ ବାବା ଗ୍ରାମେଶ୍ୱର ଙ୍କ ପାଖରେ ଅଟଷ୍ଟ ପ୍ରହରୀ ନାମଯଞ୍ଜ , ବାବା ପଣ୍ଡିମେଶ୍ୱର , ଓଳିହାଁ ଐଶାନେଶ୍ୱର , ସିଦ୍ଧେଶ୍ୱର ସରିପୁର ଏବଂ ଧବଳେଶ୍ୱର, ବେଲେଶ୍ୱର , କରାଳ ର ବାବା କପିଳେଶ୍ୱର ଓ ବୁଢ଼ାଲିଙ୍ଗି ବାଲିଆ ପଟା ଠାରେ ଧବଳେଶ୍ୱର ଓ ଗୋମୁଖୀ କେଶବ ପୀଠ ରେ ଅଷ୍ଟମ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଶୈବପୀଠରେ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ମନ୍ଦିର ପରିଚାଳନା କମିଟି, ସେବାୟତ ସମ୍ମିଳିତ ଭାବେ ସ୍ୱତନ୍ତ୍ର ଦେବନୀତି ସମୟ ନିର୍ଘଣ୍ଟ କରାଯାଇଛି । ଜାଗର ଅମାବାସ୍ୟା ବୁଧବାର ପ୍ରାତଃ ୩ଘଟିକାରୁ ମହାଦେବଙ୍କ ଦ୍ୱାରଫିଟା, ପହୁଡ଼ ଭାଜି, ଅବକାଶ, ମଇଲମ୍, ଉପଚାର ପୂଜା, ନବବସ୍ତ୍ର ପରିଧାନ, ବାଳ ଭୋଗ, ସାହାଣ ମେଲା ହୋଇ ସର୍ବସାଧାରଣ ଙ୍କ ଦର୍ଶନ ହେବ । ଦିବା ୧୧ଘଟିକାରେ ନୀତିଭୋଗ ଓ ଖେଚୁଡ଼ି ଲାଗି ହେବ । ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ, ପ୍ରସିଦ୍ଧ ଚୁଡାଘଷା ଭୋଗ ଲାଗି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ରହିବ । ରାତି ୯ଟା ୧୦ମିନିଟ ସମୟରେ ବେଢାଧୂପ, ଖିରି ଧୂପ ପରେ ଅଭିଷେକ କରାଯିବ । ବିଧାୟକ ତୁଷାର କାନ୍ତି ବେହେରା ବିଭିନ୍ନ ଶୈବ ପୀଠ ବୁଲି ଆଶୀର୍ବାଦ ଭିକ୍ଷା କରିଥିଲେ । ଆଜି ରୁଦ୍ରାଭିଷେକ, ମହାଦୀପ ପୂଜନ, ବେଢା ପରିକ୍ରମା କରାଯାଇ ବିଳମ୍ବିତ ରାତ୍ରରେ ମହାଦୀପ ଉଠିବ ବୋଲି ବିଭିନ୍ନ ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି । ଦୀପ ଜାଳିବା ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପଣ ହୋଇଥିବା ବେଳେ ମନ୍ଦିର ନିକଟରେ ଶ୍ରଦ୍ଧାଳୁ ଓ ଦୀପ ଉଜାଗରୀ ମାନଙ୍କ ପାଇଁ ବିଭିନ୍ନ ଶୈବପୀଠ ରେ ଭଂଜନ ଓ ଅଷ୍ଟମ ପ୍ରହରୀ ନାମ ଯଜ୍ଞ ରେ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିଲା ।



# ୟୁଜିସି ନିର୍ଦ୍ଦେଶାନାମା ୨୦୨୬ ସମର୍ଥନରେ କର୍ମଶାଳା

ବଲାଙ୍ଗିର, **୧୬।୨:(ମନ୍ଥନ)** ମୂଳ ନିବାସୀ ବହୁଜନ ମିଳିତ ମହାସଂଘ ଓଡିଶା ବଲାଙ୍ଗିର ଶାଖା ତରଫରୁ ୟୁଜିସି ନିର୍ଦ୍ଦେଶାନାମା ୨୦୨୬ କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଏକ କର୍ମଶାଳା ସାମ୍ବାଦିକ ଭବନ ବଲାଙ୍ଗିର ରେ ବରିଷ୍ଠ ଆଇନଜିବୀ ଦିନେଶ ନାଗ ଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଯାଇଛି । ୟୁଜିସି ନିର୍ଦ୍ଦେଶନାମା ୨୦୨୬ କୁ କିଭଳି ଓବିସି, ଏସ୍ସିଏସ୍ଟି ମହିଳା ଆର୍ଥିକ ଅନଗ୍ରସର, ବିକଳାଙ୍ଗ ବିଦ୍ୟାର୍ଥିମାନଙ୍କୁ ଉଚ୍ଚ ଶିକ୍ଷାରେ କିଭଳି ଭାବରେ ସୁରକ୍ଷା ପ୍ରଦାନ କରାଯିବ ତା ଉପରେ ବିଶେଷ ଭାବରେ ସଭାପତି ଶ୍ରୀ ନାଗ ବର୍ଣ୍ଣନା କରିଥିଲେ ଏବଂ ଏହି ନିର୍ଦ୍ଦେଶନାମାକୁ ସାଧାରଣ ବର୍ଗର ଲୋକେ ବିରୋଧ କରିବା ଉଚିତ ନୁହେଁ ବୋଲି ତାଙ୍କ ବକ୍ତବ୍ୟ ରେ କହିଥିଲେ । କାର୍ଯ୍ୟକ୍ରମରେ ଭାଗ ନେଇ ଓଡିଶା ଓବିସି ମଂଚର ସଭାପତି ଶଙ୍କର ପାତ୍ର କ୍ଷୋଭର ସହିତ କହିଥିଲେ ଯେ ଯେଉଁଭଳି ଭାବରେ ମଣ୍ଡଳ କମିଶନକୁ ସାଧାରଣବର୍ଗ ବିରୋଧ କରିଥିଲେ ସେହିଭଳି ଭାବରେ ୟୁଜିସି ନିର୍ଦ୍ଦେଶବଳି ୨୦୨୬ କୁ ମଧ୍ୟ ବିରୋଧ କରିଛନ୍ତି । ଯେଉଁ ସୁପ୍ରିମକୋର୍ଟ ଆଇନ ଆଣି ଏହି ନିୟମ କରିଛନ୍ତି କିଛି ଉଚ୍ଚ ବର୍ଗର ଉପରେ ଆସି ଏହି ଆଇନକୁ ବନ୍ଦ କରିବାର ଯେଉଁ ଷଡଯନ୍ତ୍ର ହେଉଛି ତାହାକୁ ଓବିସି ବର୍ଗର ଲୋକମାନେ କଦାପି କ୍ଷମା କରିବେ ନାହିଁ ବୋଲି କହିଛନ୍ତି । ଏଥି ପାଇଁ ଭାରତ ସରକାର ଏବଂ ସୁପ୍ରିମକୋର୍ଟ ଉଭୟେ ଦାୟୀ ରହିବେ ବୋଲି ବରିଷ୍ଠ କୃଷକ ନେତା ଜତି ପ୍ରଧାନ ତାଙ୍କ ବକ୍ତବ୍ୟ ରେ କହିଛନ୍ତି । ଅନୁସୂଚିତ ଜାତି ଜନଜାତି ଏବଂ ପଛୁଆ ବର୍ଗ ନିଜ ନିଜର ସମ୍ବିଧାନିକ ହକ୍ ପାଇଁ ମିଳିତ ଭାବରେ ଲଢେଇ କରିବା ପାଇଁ ୟୁଜିସି ନିର୍ଦ୍ଦେଶାନାମାକୁ କାର୍ଯ୍ୟକାରି କରାଇବା ପାଇଁ ଉପସ୍ଥିତ ଜନତାଙ୍କୁ ଓବିସି ମଂଚ ସଂଯୋଜକ ସରୋଜ ମେଶ୍ୱା ଉଦ୍ବୋଧନ ଦେଇଥିଲେ । ଆଲୋଚନା ଚକ୍ରରେ ଆଦିବାସୀ ନେତା ସତ୍ୟ ଭୋଇ, ଇଂ ବେଲାର ସିଂ ଭୋଇ, ଧ୍ରମତି ରମଣି ନାଏକ, ନେପାଲ ଚନ୍ଦ୍ର ବାଗ, ଅଚ୍ୟୁତ କୁମ୍ଭାର, ମନୋଜ ନାଗ, ନିକେଶ କୁମ୍ଭାର, କୈତୁକ ପନ୍ଦର, ସାନ୍ତନୁ ଭୋଇ, ଧ୍ରମତି ରୁପାଲି ମହାନ୍ଦ, ଶଙ୍କର୍ଷଣ ପ୍ରଧାନ, ଉତ୍ତମ ଖମାରି, ଆନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ସୁଧିର ରଣା, ପୃଥ୍ୱୀରାଜ ନନ୍ଦ, ତରଣୀସେନ ଦିପ, ବସୁଦେବ ମୁଗ୍ରୀ, ନିଳକଣ୍ଠ ନାଗ, ଅନିଲ ମୁଗ୍ରୀ, ସୀତାରାମ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ବାଗ, ଲଳିତ ମହାନନ୍ଦ, କୌଶଲ୍ୟା କୁମ୍ଭାର, ସରସ୍ୱତି ସାହୁ, ସୁବାଷିନୀ ସାହୁ, ଜୟଶ୍ରୀ ସୁନା, ଟଙ୍କଧର ଗଡତ୍ୟା, ରିଙ୍କି ନନ୍ଦ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆଗାମୀ ମାର୍ଚ୍ଚ ୫ ରେ ଜିଲ୍ଲା ସଦର ମହକୁମା ଠାରେ ଗଣବିକ୍ଷୋଭ ହେବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲେ । ଶେଷରେ ସୁନିଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୯୦ତମ ତ୍ରୀମୂର୍ତ୍ତି ଶିବ ଜୟନ୍ତୀ

ଜଗତସିଂହପୁର, **୧୬।୨:(ମନ୍ଥନ)** ରଘୁନାଥପୁର ସ୍ଥିତ ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ନବେତମ ତ୍ରୀମୂର୍ତ୍ତି ଶିବ ଜୟନ୍ତୀ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଗାମୀ ଓଡ଼ିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ଯୋଗଦେଇ ଶିବ ଧ୍ୱଜା ଉତ୍ତୋଳନ କରି ଉଚ୍ଚାରଣ ନୁହେଁ ଆଚରଣ ହିଁ ପ୍ରକୃତ ଧର୍ମ , ଏଣୁ ବାବାଙ୍କର ନିର୍ଦ୍ଦେଶକୁ ଆଚରଣରେ ଫୁଟାଇ ତୋଳିଲେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ । ଏଥିରେ ବ୍ରହ୍ମା କୁମାର ଶାରଦା ଭାଇ ପୌରୋହିତ୍ୱ କରି କାମ, କ୍ରୋଧ,ଲୋଭ,ମୋହ, ମଦ ମାର୍ତ୍ସର୍ଯ୍ୟକୁ ତ୍ୟାଗ କରିଲେ ମନୁଷ୍ୟ



ଆନନ୍ଦିତ ହୋଇ ପାରିବ ବୋଲି କହିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ ବ୍ରହ୍ମ କୁମାରୀ ସସ୍ମିତା ଭଉଣୀ, ବ୍ରହ୍ମ କୁମାର ଅକ୍ଷୟ ଭାଇ ଯୋଗଦେଇ ପରନିନ୍ଦା,ପରଚର୍ଚ୍ଚା ତ୍ୟାଗ କରି ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟେହ ଯୋଗଦେଇ ରାଜଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ୯୦ଟି ପ୍ରଦିପ ପ୍ରଜ୍ୱଳନ କରାଯାଇ ଶିବ ଜୟନ୍ତୀ ଘୋଷଣା କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁଙ୍କୁ ଇଶ୍ୱରୀୟ ପୁଷ୍ପଗୁଚ୍ଛ ଓ ଜ୍ଞାନ ଦର୍ପଣ ପତ୍ରିକା ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମ କୁମାର ଦୀପକ ଭାଇ, ମୋହନ ଭାଇ ଓ ଶତାଧିକ ଭକ୍ତ ଯୋଗ ଦେଇଥିଲେ ।

# ପ୍ରସିଦ୍ଧ ଐତିହାସିକ ଦେବଗିରି ପାହାଡ ରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଭିଡ

କଲ୍ୟାଣସିଁହପୁର, **୧୬।୨:(ମନ୍ଥନ)** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାଠାରେ ଅବସ୍ଥିତ ସର୍ବ ପୁରାତନ ପ୍ରସିଦ୍ଧ ଐତିହାସିକ ଦେବଗିରି ଶୈବ ପୀଠ ରେ ରବିବାର ଦିନ ମହା ଶିବରାତ୍ରି ଜାଗର ଯାତ୍ରା ହେଉଥିବା ବେଳେ ଭକ୍ତ ମାନେ ନିଜ ନିଜ ମାନସିକ ପୂରଣ କରିବା ସହ ଯାତ୍ରା ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତ ମାନେ ଦର୍ଶନ କରିବା ପାଇଁ ଆସିଥିବା ଦେଖିବା କୁ ମିଳିଛି । ଏହି ଯାତ୍ରା ସାତ ଦିନ ଧରି ହୋଇଥାଏ ରାତ୍ରରେ ବିଭିନ୍ନ ପ୍ରକାରର ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲୋକନୃତ୍ୟ ମୀନା ବଜାର ମଧ୍ୟ କମିଟି ପକ୍ଷରୁ କରାଯାଇ ଥାଏ ତାହା ସହିତ ଅର୍ଣ୍ଣ ପ୍ରସାଦ ଭୋଗ ମଧ୍ୟ ଆସିଥିବା ଭକ୍ତ ମାନଙ୍କୁ ଦିଆଯାଏ । ଏହି ପୁରାତନ ପ୍ରସିଦ୍ଧ ଐତିହାସିକ ଦେବଗିରି ପାହାଡ଼ରେ ପଞ୍ଚମୁଖୀ ସ୍ୱର୍ଣ୍ଣ ନୀଳକଣ୍ଠେଶ୍ୱର ମନ୍ଦିର ଅବସ୍ଥିତ । ପାହାଡ ଟି ଦେଖିବା ପାଇଁ ଏକ ବିରାଟ ବଡ଼ କଳା ରଙ୍ଗର ହାତୀ ଆକାରର ଥିଆ ହୋଇ ରହିଥିବା ଦେଖି ଯାଏ, ପାହାଡ ଉପରେ ୫୪୫ ପାହାଚ ଅତିକ୍ରମ କରିବା ପରେ ଏକ କର୍ପଣରେ ଶୁରୁଙ୍ଗ ଭିତରେ ଭୋଳାବାବାଙ୍କ ଲିଙ୍ଗ ଦର୍ଶନ କରିବା କୁ ମିଳେ ଯାହା କି ଜିଲ୍ଲା ର ସର୍ବଶ୍ରେଷ୍ଠ ଐତିହାସିକ ଶୈବ ପୀଠ ଭାବେ ପରିଚୟ ।

# କାନ୍ଦଣାଗ୍ରାମରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ମୋରଡା - ତା. ୧୬.୦୨.୨୬ - ଗ୍ରାମାଞ୍ଚଳରେ କ୍ରୀଡାର ପ୍ରୋତ୍ସାହନ ନିମିତ୍ତ ମୋରଡା ବ୍ଲକ ଅଂର୍ଗତ କାନ୍ଦଣା ଗ୍ରାମରେ ଫେବୃୟାରୀ ୮ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟ' ୮ ଦିନ ଦିନ ଧରି 'ଲକି କ୍ଲବ' ଆନୁକୂଲ୍ୟରେ '' ମା ଦ୍ୱାରଶୁଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ -୨୦୨୬'' କ୍ଲବର ସଭାପତି ଦୀପକ କୁମାର ଧଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟରେ ଚାନ୍ଦୁଆ, ବଡସାହି, ଶୁଳିଆପଦା ଏବଂ ମୋରଡା ବ୍ଲକରୁ ଚାନ୍ଦୁଆ, ପ୍ରତାପପୁର, ଦେଉଳି, ଭାଲିଆ(କ), ଭାଲିଆ(ଖ), ଖେରଣା, ପାରିଆକୁଲି, ନୂହାମାଳିଆ, ଫୁଟକିଶୋଳ, ଧାତିକା, କାନ୍ଦଣା, ହାତିମଡା, ଖୁଣ୍ଟାପାଳ, ବାଉଁଶକଣ୍ଟିଆ, ସିଂଗଡା, ବଡମୁଣ୍ଡାବଣି ଗ୍ରାମର ୧୬ଟି କ୍ରିକେଟ ଦଳ ଏଥିରେ ଅଂଶ ଅଂଶ ଗ୍ରହଣ କରିଥିଲେ ।



ଫାଇନାଲ ଖେଳରେ ଫୁଟକିଶୋଳ ଦଳ ୧୪ ରନରେ ବାଉଁଶକଣ୍ଟିଆ ଦଳକୁ ପରାଜିତ କରିଥିଲା । ଫୁଟକିଶୋଳ ଦଳର ଖେଳାଳୀ ମନୋଜ ସି ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଫୁଟକିଶୋଳ କ୍ରିକେଟ ଦଳର ଅଧିନାୟକ ସୀବ ବଡନାୟକ ନଅ ହଜାର ଟଙ୍କା ସହ ଚମ୍ପିୟାନ ଟ୍ରଫି ଏବଂ ବାଉଁଶକଣ୍ଟିଆ କ୍ରିକେଟ ଦଳର ଅଧିନାୟକ ରାକେଶ ପାଟବନ୍ଧା ସାତ ହଜାର ଟଙ୍କା ସହ ରନର୍ସ ଅଫ ଟ୍ରଫି ଗ୍ରହଣ କରିଥିଲେ । ଉଭୟ ଉଦ୍‌ଘାଟନ ଓ ଉଦ୍‌ଯାପନ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ଗଣେଶ୍ୱର ଭୋଇ ଏବଂ ଅତିଥିଭାବେ ମହେନ୍ଦ୍ର ନାଥ ସି ଓ ମେଘନାଦ ସି ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଆଠ ଦିନିଆ କ୍ରୀଡାରେ କ୍ଷୀରୋଦ ତୁଙ୍ଗ, ରୋହିତ ନାୟକ, କୁମାର ରୂପଭାନୁ ତୁଙ୍ଗ, ସୌମ୍ୟରଂଜନ ସି, ଚିନ୍ମୟ, ମଣ୍ଟୁ, ବାପୁନ, ଜଗନ୍ନାଥ, ଟୁନା ଏବଂ ଦେବେନ୍ଦ୍ରଙ୍କର ସକ୍ରିୟ ସହଯୋଗରେ ଟୁର୍ଣ୍ଣାମେଣ୍ଟଟି ଶୃଙ୍ଖଳାର ସହ ସମାପ୍ତ ହୋଇଥିଲା ।

# ରୁଦ୍ରେଶ୍ୱରଙ୍କ ପୀଠରେ ମହାଶିବରାତ୍ରି ଉତ୍ସବ ମହାସମାରୋହରେ ଅନୁଷ୍ଠିତ

.ଜଗତସିଂହପୁର, **୧୬।୨:(ମନ୍ଥନ)** ରିଖ ରଘୁନାଥପୁର ବ୍ଲକ ଅଧିନସ୍ଥ କୋରକରା ଗ୍ରାମ ରୁଦ୍ରେଶ୍ୱରଙ୍କ ପୀଠରେ ମହାଶିବରାତ୍ରିଉତ୍ସବମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କୋରକରା ଗ୍ରାମ ରୁଦ୍ରେଶ୍ୱର ଶୈବ ପୀଠରେ ଜାଗର ପୂର୍ବ ବର୍ଷଭଳି ଏ ବର୍ଷ ଦେଖିବାକୁ ପୁରା ନିଆରା ଥିଲା । ଏହି ପୀଠରେ ରଙ୍ଗବେରଙ୍ଗରଆଲୋକମାଳା ଓଫୁଲରେସଜ୍ଜିକରଣକରାଯାଇଥିଲା,ସତେ ଯେପରି ଭଗବାନ ଶିବ ଭକ୍ତମାନଙ୍କୁ ଆଶିଷ ପ୍ରଦାନ କରୁଥିଲେ । ଶିବରାତ୍ରି ହିନ୍ଦୁମାନଙ୍କର ଘରେ ଘରେ ପରିଚିତ,ଭକ୍ତ ରାତି ଉଜାଗର ରହିଏହି ପର୍ବକୁ ପାଳନ କରୁଥିବାରୁ ଜାଗର ନାମରେ ପରିଚିତ। ଭକ୍ତମାନେ ଉପବାସ ରହି ନିଷ୍ଠାର ସହିତ ଶିବ ଆରାଧନା କରିଥାନ୍ତି, ଅମା ଅନ୍ଧକାର ରାତ୍ରୀରେ ଉଜାଗର ରହି ଦୀପ ପ୍ରଜଳନ କରିଥାନ୍ତିୟଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିଶି ବାହିନୀ ମୃତୟନ୍ କରାଯାଇଥିଲା । ଭଜନ ସମାରୋହ ରେ ଭକ୍ତ ମାନେ ପ୍ରଭୁଙ୍କର ଗୁଣଗାନ ଶୁଣି ନିଜକୁ ଧନ୍ୟ ମନେ କରିଥିଲେ । ଶିବଙ୍କ ଆରାଧନାରେ ସଙ୍ଗ ହୁଳହୁଳି ଓ ବାଦ୍ୟ ଯନ୍ତ୍ରରେ



ରୁଦ୍ରେଶ୍ୱର ଶୈବପିଠ ପ୍ରକମ୍ପିତ ହୋଇଉଠିଥିଲା । ଏବର୍ଷ ଭକ୍ତ ମାନଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା.ବିଧି ଅନୁଯାୟୀ ୪ ପ୍ରହର ପୂଜା କରାଯାଇ ଶେଷରେ ମହାଦୀପ ଚୂଡ଼ା ସ୍ୱର୍ଶ କରିବା ପର୍ଯ୍ୟନ୍ତ ଭକ୍ତ ଭକ୍ତିପୂତ,ମନରେ ରହିଁ ରହିଥାନ୍ତି,ବିଳମ୍ବିତ ରାତ୍ରୀରେ ହରିହର ଭେଟ କରାଯାଇ ମହାଦୀପ ଉଠିବାର ବେବସ୍ଥା ଠିକ୍ ସକାଳ ୪,୩୦ ସମୟରେ କରାଯାଇଥାଏ ।ତାପରେ ଭକ୍ତ ଜଳ ପ୍ରସାଦ ପାଇ ଖୁସିରେ ନିଜ ନିଜ ଘରକୁ ଫେରିଥାନ୍ତି । ବିଶ୍ୱାସ ରହିଛି ଯେ ଯେଁଉ ଭକ୍ତ ନିଷ୍ଠାର ସହିତ ଶିବ ଆରାଧନା କରିଥାନ୍ତି ଭଗବାନ ଶିବ ତାହାର ମନୋସ୍କାମନା ପୂରଣ କରିଥାନ୍ତି ।

# ମୁନିନ୍ଦାରେ ପ୍ରତିଷ୍ଠା ହେଉ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଡେଲାଙ୍ଗ, **୧୬।୨:(ମନ୍ଥନ)** ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଡେଲାଙ୍ଗ ବ୍ଲକର ମୁନିନ୍ଦା ପଂଚାୟତରେ ପ୍ରତିଷ୍ଠା ହେବାକୁ ଥିବା ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପଞ୍ଚାୟତର ସଦର ମହକୁମା ମୁନିନ୍ଦା ଠାରେ ସ୍ଥାପନ କରାଯିବାକୁ ଦାବି କରାଯାଇଛି । ଗ୍ରାମ ପଞ୍ଚାୟତର ମୋଟ ଚଉଦ ଟି ୱାର୍ଡ ମଧ୍ୟରୁ ଏଗାରଟି ୱାର୍ଡର ଅଧିବାସୀମାନେ ରବିବାର ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ମୁନିନ୍ଦାର ଆରାଧ୍ୟ ଠାକୁର ଶ୍ରୀ ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ଏହି ବୈଠକରେ ସମାଜସେବୀ ପ୍ରକାଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ । ଆବାହକ ମହେଶ୍ୱର ବରାଳ, ଉଲ୍ଲାସ ଚନ୍ଦ୍ର ନାୟକ, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଲଛମନ ଦଳାଇ, ସୁବାସ ଚନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ନାୟକ, ବାଲୁଙ୍କେଶ୍ୱର ପ୍ରଧାନ, ଅଜୟ ମାହୁନ୍ତ, ଆଇନ ଜୀବି ମାର୍କଣ୍ଡ ପରିଡା, ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ସାନ ମୁନିନ୍ଦାର ଅଶୋକ ପ୍ରଧାନ ପ୍ରମୁଖ ଓଡିଶା ସରକାରଙ୍କ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରି କେତେକ ବ୍ୟକ୍ତି ପଞ୍ଚାୟତର ଅନ୍ୟ ଏକ ଗ୍ରାମରେ ଏହି ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅବୈଧ ଚାପ ପକାଉଥିବାରୁ ଉଦବେଗ ପ୍ରକାଶ କରିବା ସହ ମୁନିନ୍ଦା ଠାରେ ପ୍ରତିଷ୍ଠା ପାଇଁ ଏଗାର ୱାର୍ଡ ସଭ୍ୟଙ୍କ ସମେତ ପ୍ରତି ୱାର୍ଡରୁ ଦୁଇ ଜଣ ଲେଖାଏଁ ସଭ୍ୟଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିବା ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି ସରକାରଙ୍କ ମାର୍ଗଦର୍ଶିକାରେ ପଂଚାୟତ ସଦର ମହକୁମାରେ ଅବସ୍ଥିତ ପ୍ରାଥମିକ ବିଦ୍ୟାଳୟ, ଯେଉଁଠାରେ ପଞ୍ଚାୟତର ସଂଖ୍ୟାଧିକ ଛାତ୍ରଛାତ୍ରୀ ଅଧ୍ୟନ କରୁଥିବେ, ଆବଶ୍ୟକୀୟ ଜମି ବିଦ୍ୟାଳୟ ନାମରେ ରେକର୍ଡ ରହିଥିବ, ସେହି ବିଦ୍ୟାଳୟକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭାବେ ରୂପାନ୍ତରିତ କରାଯିବ ଏହି ସବୁ ମାନଦଣ୍ଡ ମୁନିନ୍ଦା ପ୍ରାଥମିକ ବିଦ୍ୟାଳୟରେ ରହିଥିବାରୁ, ଏଠାରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରାୟ ପାଞ୍ଚ ଶହ ଅଧିବାସୀ ଉପସ୍ଥିତ ଥିବା ଏହି ସମାବେଶରେ ଦାବି କରାଯାଇଛି । ଏଥି ସହ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ୨୦୨୩ ଜୁନ ୯ତାରିଖରେ ଯେଉଁ ରିପୋର୍ଟ ଦେଇଛନ୍ତି, ସେଥିରେ ମୁନିନ୍ଦା ଉପ୍ରା ବିଦ୍ୟାଳୟରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସଭାପତି ଶ୍ରୀ ନାୟକ ଦର୍ଶାଇଛନ୍ତି ।

# ୟୁଜିସି ନିର୍ଦ୍ଦେଶାନାମା ୨୦୨୬ ସମର୍ଥନରେ କର୍ମଶାଳା

ବଲାଙ୍ଗିର, **୧୬।୨:(ମନ୍ଥନ)** ମୂଳ ନିବାସୀ ବହୁଜନ ମିଳିତ ମହାସଂଘ ଓଡିଶା ବଲାଙ୍ଗିର ଶାଖା ତରଫରୁ ୟୁଜିସି ନିର୍ଦ୍ଦେଶାନାମା ୨୦୨୬ କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଏକ କର୍ମଶାଳା ସାମ୍ବାଦିକ ଭବନ ବଲାଙ୍ଗିର ରେ ବରିଷ୍ଠ ଆଇନଜିବୀ ଦିନେଶ ନାଗ ଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଯାଇଛି । ୟୁଜିସି ନିର୍ଦ୍ଦେଶନାମା ୨୦୨୬ କୁ କିଭଳି ଓବିସି, ଏସ୍ସିଏସ୍ଟି ମହିଳା ଆର୍ଥିକ ଅନଗ୍ରସର, ବିକଳାଙ୍ଗ ବିଦ୍ୟାର୍ଥିମାନଙ୍କୁ ଉଚ୍ଚ ଶିକ୍ଷାରେ କିଭଳି ଭାବରେ ସୁରକ୍ଷା ପ୍ରଦାନ କରାଯିବ ତା ଉପରେ ବିଶେଷ ଭାବରେ ସଭାପତି ଶ୍ରୀ ନାଗ ବର୍ଣ୍ଣନା କରିଥିଲେ ଏବଂ ଏହି ନିର୍ଦ୍ଦେଶନାମାକୁ ସାଧାରଣ ବର୍ଗର ଲୋକେ ବିରୋଧ କରିବା ଉଚିତ ନୁହେଁ ବୋଲି ତାଙ୍କ ବକ୍ତବ୍ୟ ରେ କହିଥିଲେ । କାର୍ଯ୍ୟକ୍ରମରେ ଭାଗ ନେଇ ଓଡିଶା ଓବିସି ମଂଚର ସଭାପତି ଶଙ୍କର ପାତ୍ର କ୍ଷୋଭର ସହିତ କହିଥିଲେ ଯେ ଯେଉଁଭଳି ଭାବରେ ମଣ୍ଡଳ କମିଶନକୁ ସାଧାରଣବର୍ଗ ବିରୋଧ କରିଥିଲେ ସେହିଭଳି ଭାବରେ ୟୁଜିସି



ନିର୍ଦ୍ଦେଶବଳି ୨୦୨୬ କୁ ମଧ୍ୟ ବିରୋଧ କରିଛନ୍ତି । ଯେଉଁ ସୁପ୍ରିମକୋର୍ଟ ଆଇନ ଆଣି ଏହି ନିୟମ କରିଛନ୍ତି କିଛି ଉଚ୍ଚ ବର୍ଗର ଉପରେ ଆସି ଏହି ଆଇନକୁ ବନ୍ଦ କରିବାର ଯେଉଁ ଷଡଯନ୍ତ୍ର ହେଉଛି ତାହାକୁ ଓବିସି ବର୍ଗର ଲୋକମାନେ କଦାପି କ୍ଷମା କରିବେ ନାହିଁ ବୋଲି କହିଛନ୍ତି । ଏଥି ପାଇଁ ଭାରତ ସରକାର ଏବଂ ସୁପ୍ରିମକୋର୍ଟ ଉଭୟେ ଦାୟୀ ରହିବେ ବୋଲି ବରିଷ୍ଠ କୃଷକ ନେତା ଜତି ପ୍ରଧାନ ତାଙ୍କ ବକ୍ତବ୍ୟ ରେ କହିଛନ୍ତି । ଅନୁସୂଚିତ ଜାତି ଜନଜାତି ଏବଂ ପଛୁଆ ବର୍ଗ ନିଜ ନିଜର ସମ୍ବିଧାନିକ ହକ୍ ପାଇଁ ମିଳିତ ଭାବରେ ଲଢେଇ କରିବା ପାଇଁ ୟୁଜିସି ନିର୍ଦ୍ଦେଶାନାମାକୁ କାର୍ଯ୍ୟକାରି କରାଇବା ପାଇଁ ଉପସ୍ଥିତ ଜନତାଙ୍କୁ ଓବିସି ମଂଚ ସଂଯୋଜକ ସରୋଜ ମେଶ୍ୱା ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଆଲୋଚନା ଚକ୍ରରେ ଆଦିବାସୀ ନେତା ସତ୍ୟ ଭୋଇ, ଇଂ ବେଲାର ସିଂ ଭୋଇ, ଧ୍ରମତି ରମଣି ନାଏକ, ନେପାଲ ଚନ୍ଦ୍ର ବାଗ, ଅଚ୍ୟୁତ କୁମ୍ଭାର, ମନୋଜ ନାଗ, ସରୋଜ କୁମାର ମେଶ୍ୱା, ନିକେଶ କୁମ୍ଭାର, କୈତୁକ ପନ୍ଦର, ସାନ୍ତନୁ ଭୋଇ, ଧ୍ରମତି ରୁପାଲି ମହାନ୍ଦ, ଶଙ୍କର୍ଷଣ ପ୍ରଧାନ, ଉତ୍ତମ ଖମାରି, ଆନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ସୁଧିର ରଣା, ପୃଥ୍ୱୀରାଜ ନନ୍ଦ, ତରଣୀସେନ ଦିପ, ବସୁଦେବ ମୁଗ୍ରୀ, ନିଳକଣ୍ଠ ନାଗ, ଅନିଲ ମୁଗ୍ରୀ, ସୀତାରାମ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ବାଗ, ଲଳିତ ମହାନନ୍ଦ, କୌଶଲ୍ୟା କୁମ୍ଭାର, ସରସ୍ୱତି ସାହୁ, ସୁବାଷିନୀ ସାହୁ, ଜୟଶ୍ରୀ ସୁନା, ଟଙ୍କଧର ଗଡତ୍ୟା, ରିଙ୍କି ନନ୍ଦ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆଗାମୀ ମାର୍ଚ୍ଚ ୫ ରେ ଜିଲ୍ଲା ସଦର ମହକୁମା ଠାରେ ଗଣବିକ୍ଷୋଭ ହେବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲେ । ଶେଷରେ ସୁନିଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ ସ୍ତରୀୟ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ପଟ୍ଟାମୁଣ୍ଡାଇ, **୧୬।୨:(ମନ୍ଥନ)** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଳି ପୁର ଗ୍ରାମରେ ଗତ କାଲିଠାରୁ ଆରମ୍ଭ ହୋଇଥିବା ବ୍ଲକ ସ୍ତରୀୟ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ପୁରଖା କ୍ରିକେଟ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ପଟ୍ଟାମୁଣ୍ଡାଇ ବ୍ଲକର ଟିଚର୍ସ କ୍ଲବ , ମାଳି ପୁର ,ବାଲିପଡ଼ା,ନୀଳକଣ୍ଠ ପୁର,ମୂଳବସନ୍ତ,ଗାଙ୍ଗ ପଡା , ଅଢାଜୋରି ,ବାଲି ପାଟଣା ଗ୍ରାମର ୮ଟି ଦଳ ଭାଗ ନେଇଥିଲେ । ଗତକାଲି ଉଦ୍ଘାଟନୀ ଦିବସରେ ୪ଟି କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳା ଯାଇଥିଲା ବେଳେ ବାଲି ପଡା,ଟିଚର୍ସ କ୍ଲବ,ନୀଳକଣ୍ଠ ପୁର, ବାଲି ପାଟଣା ଟିମ ବିଜୟ ଲାଭ କରି ସେମି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଆଜି ଖେଳା ଯାଇଥିବା ପ୍ରଥମ ସେମି ଫାଇନାଲ ମ୍ୟାଚ ବାଲିପଡା ଓ ବାଲିପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ବାଲିପାଟଣା ଦଳ ବିଜୟ ଲାଭ କରିଥିଲା । ଏହି ମ୍ୟାଚରେ ବାଲିପାଟଣାର ପବିତ୍ର ବିଶ୍ୱାଳ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରା ଯାଇଥିଲା । ସେମି ଫାଇନାଲ ମ୍ୟାଚ ଟିଚର୍ସ କ୍ଲବ ଏବଂ ନୀଳକଣ୍ଠ ପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ନୀଳକଣ୍ଠପୁର ବିଜୟ ଲାଭ କରିଥିଲା । ଏହି ମ୍ୟାଚରେ କମଳାକାନ୍ତ ବେହେରା ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ । ଫାଇନାଲ ମ୍ୟାଚ ବାଲିପାଟଣା ଓ ନୀଳକଣ୍ଠପୁର ମଧ୍ୟରେ କଡା ଟକ୍କର ସହିତ ଖେଳା ଯାଇଥିଲା । ପ୍ରଥମେ ନୀଳକଣ୍ଠପୁର ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୩ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା । ପରେ ୧୪୨ ରନ ର ବିଜୟ ଲକ୍ଷ ରଖି ବାଲିପାଟଣା ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୩ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା । ଫାଇନାଲ ମ୍ୟାଚରେ ନୀଳକଣ୍ଠପୁର ବିଜୟ ଲାଭ କରି ବିଜେତା ଟ୍ରଫି ହାସଲ କରିଥିବା ବେଳେ ବାଲିପାଟଣା କୁ ରନର୍ସ ଟ୍ରଫିରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ନୀଳକଣ୍ଠପୁର ଦଳର କମଳାକାନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରା ଯାଇଥିଲା ।

# ୟୁଜିସି ନିର୍ଦ୍ଦେଶାନାମା ୨୦୨୬ ସମର୍ଥନରେ କର୍ମଶାଳା

ବଲାଙ୍ଗିର, **୧୬।୨:(ମନ୍ଥନ)** ମୂଳ ନିବାସୀ ବହୁଜନ ମିଳିତ ମହାସଂଘ ଓଡିଶା ବଲାଙ୍ଗିର ଶାଖା ତରଫରୁ ୟୁଜିସି ନିର୍ଦ୍ଦେଶାନାମା ୨୦୨୬ କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଏକ କର୍ମଶାଳା ସାମ୍ବାଦିକ ଭବନ ବଲାଙ୍ଗିର ରେ ବରିଷ୍ଠ ଆଇନଜିବୀ ଦିନେଶ ନାଗ ଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଯାଇଛି । ୟୁଜିସି ନିର୍ଦ୍ଦେଶନାମା ୨୦୨୬ କୁ କିଭଳି ଓବିସି, ଏସ୍ସିଏସ୍ଟି ମହିଳା ଆର୍ଥିକ ଅନଗ୍ରସର, ବିକଳାଙ୍ଗ ବିଦ୍ୟାର୍ଥିମାନଙ୍କୁ ଉଚ୍ଚ ଶିକ୍ଷାରେ କିଭଳି ଭାବରେ ସୁରକ୍ଷା ପ୍ରଦାନ କରାଯିବ ତା ଉପରେ ବିଶେଷ ଭାବରେ ସଭାପତି ଶ୍ରୀ ନାଗ ବର୍ଣ୍ଣନା କରିଥିଲେ ଏବଂ ଏହି ନିର୍ଦ୍ଦେଶନାମାକୁ ସାଧାରଣ ବର୍ଗର ଲୋକେ ବିରୋଧ କରିବା ଉଚିତେ ନୁହେଁ ବୋଲି ତାଙ୍କ ବକ୍ତବ୍ୟ ରେ କହିଥିଲେ । କାର୍ଯ୍ୟକ୍ରମରେ ଭାଗ ନେଇ ଓଡିଶା ଓବିସି ମଂଚର ସଭାପତି ଶଙ୍କର ପାତ୍ର କ୍ଷୋଭର ସହିତ କହିଥିଲେ ଯେ ଯେଉଁଭଳି ଭାବରେ ମଣ୍ଡଳ କମିଶନକୁ ସାଧାରଣବର୍ଗ ବିରୋଧ କରିଥିଲେ ସେହିଭଳି ଭାବରେ ୟୁଜିସି ନିର୍ଦ୍ଦେଶବଳି ୨୦୨୬ କୁ ମଧ୍ୟ ବିରୋଧ କରିଛନ୍ତି । ଯେଉଁ ସୁପ୍ରିମକୋର୍ଟ ଆଇନ ଆଣି ଏହି ନିୟମ କରିଛନ୍ତି କିଛି ଉଚ୍ଚ ବର୍ଗର ଉପରେ ଆସି ଏହି ଆଇନକୁ ବନ୍ଦ କରିବାର ଯେଉଁ ଷଡଯନ୍ତ୍ର ହେଉଛି ତାହାକୁ ଓବିସି ବର୍ଗର ଲୋକମାନେ କଦାପି କ୍ଷମା କରିବେ ନାହିଁ ବୋଲି କହିଛନ୍ତି । ଏଥି ପାଇଁ ଭାରତ ସରକାର ଏବଂ ସୁପ୍ରିମକୋର୍ଟ ଉଭୟେ ଦାୟୀ ରହିବେ ବୋଲି ବରିଷ୍ଠ କୃଷକ ନେତା ଜତି ପ୍ରଧାନ ତାଙ୍କ ବକ୍ତବ୍ୟ ରେ କହିଛନ୍ତି । ଅନୁସୂଚିତ ଜାତି ଜନଜାତି ଏବଂ ପଛୁଆ ବର୍ଗ ନିଜ ନିଜର ସମ୍ବିଧାନିକ ହକ୍ ପାଇଁ ମିଳିତ ଭାବରେ ଲଢେଇ କରିବା ପାଇଁ ୟୁଜିସି ନିର୍ଦ୍ଦେଶାନାମାକୁ କାର୍ଯ୍ୟକାରି କରାଇବା ପାଇଁ ଉପସ୍ଥିତ ଜନତାଙ୍କୁ ଓବିସି ମଂଚ ସଂଯୋଜକ ସରୋଜ ମେଶ୍ୱା ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଆଲୋଚନା ଚକ୍ରରେ ଆଦିବାସୀ ନେତା ସତ୍ୟ ଭୋଇ, ଇଂ ବେଲାର ସିଂ ଭୋଇ, ଧ୍ରମତି ରମଣି ନାଏକ, ନେପାଲ ଚନ୍ଦ୍ର ବାଗ, ଅଚ୍ୟୁତ କୁମ୍ଭାର, ମନୋଜ ନାଗ, ସରୋଜ କୁମାର ମେଶ୍ୱା, ନିକେଶ କୁମ୍ଭାର, କୈତୁକ ପନ୍ଦର, ସାନ୍ତନୁ ଭୋଇ, ଧ୍ରମତି ରୁପାଲି ମହାନ୍ଦ, ଶଙ୍କର୍ଷଣ ପ୍ରଧାନ, ଉତ୍ତମ ଖମାରି, ଆନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ସୁଧିର ରଣା, ପୃଥ୍ୱୀରାଜ ନନ୍ଦ, ତରଣୀସେନ ଦିପ, ବସୁଦେବ ମୁଗ୍ରୀ, ନିଳକଣ୍ଠ ନାଗ, ଅନିଲ ମୁଗ୍ରୀ, ସୀତାରାମ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ବାଗ, ଲଳିତ ମହାନନ୍ଦ, କୌଶଲ୍ୟା କୁମ୍ଭାର, ସରସ୍ୱତି ସାହୁ, ସୁବାଷିନୀ ସାହୁ, ଜୟଶ୍ରୀ ସୁନା, ଟଙ୍କଧର ଗଡତ୍ୟା, ରିଙ୍କି ନନ୍ଦ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆଗାମୀ ମାର୍ଚ୍ଚ ୫ ରେ ଜିଲ୍ଲା ସଦର ମହକୁମା ଠାରେ ଗଣବିକ୍ଷୋଭ ହେବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲେ । ଶେଷରେ ସୁନିଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାପି ଭାଇ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପନ

କୁକୁଡାଖଣ୍ଡି, **୧୬।୨:(ମନ୍ଥନ)** କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ କୁକୁଡାଖଣ୍ଡି ମିନି ଷ୍ଟାଡିୟମ୍ ପରିସରରେ ଆଠ ଦିନ ଧରି ଚାଲିଥିବା ବାପି ଭାଇ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପନ ହୋଇଯାଇଛି । ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ର (ବାପି ଭାଇ)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ କ୍ରୀଡା ପ୍ରେମୀ ମାନଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା । ପ୍ରତିଦିନ ସନ୍ଧ୍ୟାବେଳେ ଦର୍ଶକ ମାନଙ୍କ ଭିଡ଼ ଲାଗିରହିଥିଲା ଏବଂ ଦର୍ଶକ ଙ୍କ ତାଳି ରେ ଖେଳାଳିମାନଙ୍କ ଜୋସ୍ ଦେଖିବାକୁ ମିଳିଥିଲା । ଉଦଯାପନ ଅବସରରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ମଞ୍ଚରେ ଉପସ୍ଥିତ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ଏପରି ପ୍ରୟାସ କୁ ସ୍ୱାଗତ କରିଥିଲେ । ସେ କହିଥିଲେ




ଯେ, ଯୁବପିଢ଼ି ଙ୍କୁ ସୁସ୍ଥ ଓ ଶୃଙ୍ଖଳା ବଦ୍ଧ ଜୀବନ ଦିଗରେ ଆଗେଇ ନେବାରେ କ୍ରୀଡା ମହତ୍ତ୍ୱପୂର୍ଣ୍ଣ ଭୂମିକା ଲିଭାଇ ଥାଏ । ଏହିପରି ଟୁର୍ଣ୍ଣାମେଣ୍ଟ ଯୁବକ ମାନଙ୍କ ମନୋବଳ ବୃଦ୍ଧି କରିବା ସହ ତାଙ୍କ ମଧ୍ୟରେ ଉତ୍ସାହ ମନୋଭାବ ଗଢ଼ି ତୋଳେ । ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ଲୋକ ସେବକ ମଣ୍ଡଳ ରାଷ୍ଟ୍ରୀୟ ସମ୍ପାଦକ ତଥା ସମାଜର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା, ଗଞ୍ଜାମ ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ପ୍ରମୋଦ ଜେନା, ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ଭବାନୀଶଙ୍କର ବିଶ୍ୱାଳ, ଭିନ୍ନକ୍ଷମ ନେତା କେ ମଣିବାବୁ, ପୂର୍ବତନ ସମିତି ସଭ୍ୟ ପି. ଶିବପ୍ରସାଦ ଦୋରା, ,ଅଦଳ ଭରତ,ମୁନୀ ଦୋରା ସହ ବହୁସ୍ଥାନୀୟ ବୁଦ୍ଧିଜୀବୀ ଓ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ସେମାନେ ମଧ୍ୟ ଖେଳାଳିମାନଙ୍କ ଦକ୍ଷତାକୁ ପ୍ରଶଂସା କରିଥିଲେ ଏବଂ ଆୟୋଜକ ମାନଙ୍କୁ ଏପରି ସୁନ୍ଦର ବ୍ୟବସ୍ଥା ପାଇଁ ଅଭିନନ୍ଦନ ଜଣାଇଥିଲେ । ଉଦଯାପନ ଦିବସରେ ଗୁମ୍ଫା ଟିମ୍ ସହ ପଥର ସିଙ୍ଘ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଦୁଇ ଦଳ ମଧ୍ୟରେ ବହୁତ ଭଲ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା । ଶେଷରେ ବିଜୟୀ ହାସଲ କରିଥିବା ଦଳ ଓ ପରାଜୟ କରିଥିବା ଉଭୟ ଦଳ କୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଜେନା ସେମାନଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ । ଆଠ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟ କୁକୁଡାଖଣ୍ଡି ଅଞ୍ଚଳ ରେ କ୍ରୀଡାମୟ ପରିବେଶ ସୃଷ୍ଟି କରିଥିଲା । ସ୍ଥାନୀୟ ଯୁବକମାନଙ୍କ ପ୍ରୟାସ ଓ ସହଯୋଗରେ ଆୟୋଜିତ ଏହି କ୍ରୀଡା ଉତ୍ସବ ଅଞ୍ଚଳରେ ନୂତନ ଉତ୍ସାହ ଆସିଥିବା ବୁଦ୍ଧିଜୀବି ମତପ୍ରକାଶ କରିଥିଲେ । ଏଥିରେ ଯୁବଗୋଷ୍ଠୀର ସଂଯୋଗ ପଟ୍ଟନାୟକ (ହଟିଆ),, ଗଙ୍ଗା ମହାନ୍ତି,କେ. ଆକାଶ, ସାଗର ମହାନ୍ତି, ବିକାଶ ପାତ୍ର, ଦୀପକ ସାହୁ,ଦାଶ ସେଠୀ, ଆଦିତ୍ୟ ପାଢ଼ୀ, କେ.ଅବିନାଶ, ହରୀ,ନିତୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ମଙ୍ଗଳବାର, ୧୭ ଫେବୃଆରୀ, ୨୦୨୬ ଭୁବନେଶ୍ୱର
TUESDAY, 17 FEBRUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।'

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସ୍ମାର୍ଟଫୋନର ବିପଦ

ନିକଟରେ ଉତରପ୍ରଦେଶର ଗାଜିଆବାଦରେ ଏକ ବହୁତଳ ପ୍ରସାଦର ନବମ ମହଲାରୁ ଡେଇଁ ତିନି ଭଉଣୀ, ଯେଉଁମାନଙ୍କର ବୟସ ଯଥାକ୍ରମେ ୧୨, ୧୪ ଓ ୧୬ ବର୍ଷ, ଆତ୍ମହତ୍ୟା କରିବା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି । ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ, ସ୍ମାର୍ଟ ଫୋନରେ 'କୋରିଆନ ଲଭ ଗେମ' ପ୍ରତି ସେମାନଙ୍କର ମାତ୍ରାଧିକ ଆସକ୍ତି ଜୀବନ ହାରିବାର କାରଣ ହୋଇଛି । ତଦନ୍ତରୁ ଆହୁରି ଜଣାପଡିଛି ଯେ, ଅଦ୍ୟ କୈଶୋରରୁ ଆଦ୍ୟ ଯୌବନ ମଧ୍ୟରେ ଥିବା ତିନି ଭଉଣୀଙ୍କର କୋରିଆନ ଲଭ ଗେମ୍ ପ୍ରତି ନିଶା ଏତେ ପ୍ରବଳ ଥିଲା ଯେ, ସେମାନେ ନିୟମିତ ରାତ୍ରି ଅନିଦ୍ରା ହେବା ଫଳରେ ସ୍କୁଲ ନଯାଇ ଦିନରେ ନିଦ୍ରାଛନ୍ନ ରହୁଥିଲେ । ଏଥିରେ କ୍ରୋଧିତ ହୋଇ ସେମାନଙ୍କର ପିତା ସେମାନଙ୍କ ଠାରୁ ମୋବାଇଲ ଫୋନକୁ ଛଡାଇ ନେଇଥିଲେ । ଏଥିରେ ନିସଙ୍ଗ ହୋଇ ସେମାନେ ଶୋଇପାରିନଥିଲେ । 'କୋରିଆନ ଲଭ ଗେମ୍' ବିନା ସେମାନେ ବଂଚି ରହିପାରିବେ ନାହିଁ ଏବଂ ଶେଷରେ ଜୀବନ ହାରିବା ଭଳି ଚରମ ନିଷ୍ପତି ନେବାକୁ ବାଧ ହେଲେ ବୋଲି ସେମାନେ ଲେଖିଥିବା ଡାଏରୀରୁ ଜଣାଯାଇଛି । ଡିଜିଟାଲ ନିଶା ବା ଆସକ୍ତି ଜୀବନ ନେବା ଏଇ ଗୋଟିଏ ଘଟଣା ଆମ ଦେଶରେ ନୁହେଁ । ଅତୀତରେ ଏପରି ବହୁ ଦୁଃଖଦ ଘଟଣା ଘଟିଛି । ବହୁ ଚର୍ଚ୍ଚିତ ବ୍ଲୁ ହେଲ ଗେମ ଅତୀତରେ ବିଶ୍ୱବ୍ୟାପୀ ଏକ ମରଣ ଯନ୍ତାରେ ପରିଣତ ହୋଇଥିଲା, ଯେଉଁଥିରେ ଶହ ଶହ କିଶୋର, କିଶୋରୀ, ଛାତ୍ରଛାତ୍ରୀ ବାଧ୍ୟବାଧକତା ହୋଇ ଆତ୍ମହତ୍ୟା କରିଥିଲେ । ସେହିପରି ଜର୍ଣ୍ଣାଲ ଅଫ ଆମେରିକା ମେଡିକାଲ ଆସୋସିଏସନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଡିଜିଟାଲ ମାୟାରେ ବାୟା ହୋଇ ବିଶ୍ୱବ୍ୟାପୀ ୪ହଜାରରୁ ଉର୍ଦ୍ଧ୍ୱ ଜୀବନ ହାରିଛନ୍ତି । ଯେଉଁମାନଙ୍କ ମଧ୍ୟରେ ଆଦ୍ୟ କୈଶୋରରେ ପ୍ରବେଶ କରି କୋମଳମତି ନାବାଳକ, ନାବାଳିକାଙ୍କ ସହ ଆଦ୍ୟ ଯୌବନରେ ପ୍ରବେଶ କରିଥିବା ବହୁ ଯୁବକ-ଯୁବତୀ ଅନ୍ତର୍ଭୁକ୍ତ ଅଛନ୍ତି, ଯେଉଁମାନଙ୍କର ସଂଖ୍ୟା ଚାରି ହଜାରରୁ ଉର୍ଦ୍ଧ୍ୱ ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ ଆହୁରି ପ୍ରକାଶ ପାଇଛି ଯେ, ଏହି ବୟସ ବର୍ଗରେ ୧୯,୦୦୦ ଜଣକ ମଧ୍ୟରୁ ୨୨ପ୍ରତିଶତ ପ୍ରତ୍ୟହ ଛଅଘଂଟାରୁ ଅଧିକ, ୨୭ପ୍ରତିଶତ ତିନି ଘଂଟାରୁ ୬ଘଂଟା, ୨୨ ପ୍ରତିଶତ ଘଂଟାଏରୁ ୩ଘଂଟା ସ୍ମାର୍ଟଫୋନ ନିଶାରେ କବଳିତ ଥିବାବେଳେ ୧୨ପ୍ରତିଶତ ଏଥିରୁ ନିବୃତ ବା ଅସମ୍ପୃକ୍ତ ରହିଛନ୍ତି । କେବଳ ଏତିକି ନୁହେଁ, ସ୍ମାର୍ଟଫୋନ ଦେଖୁଥିବା ପିଲାମାନଙ୍କ ମଧ୍ୟରୁ ୭୦ପ୍ରତିଶତ ସ୍ୱୀକାର କରିଛନ୍ତ ଏହାର ମୋହରେ ସେମାନେ ସମ୍ପୂର୍ଣ୍ଣ ବାୟା ବା କବଳିତ । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଏବେ ୧ଶହ କୋଟିରୁ ଅଧିକ ଡିଜିଟାଲ ବା ସ୍ମାର୍ଟଫୋନ ବ୍ୟବହାରକାରୀ ଅଛନ୍ତି । ସରକାର ମଧ୍ୟ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଛନ୍ତି । ଏହା ନିସନ୍ଦେହ ଯେ, ଭାରତ ବିଶ୍ୱର ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ବଜାର ଭାବେ ଉଭା ହୋଇଛି । ଦେଶର ପ୍ରାୟ ୪୦ପ୍ରତିଶତ ପରିବାର ଡିଜିଟାଲ ସାକ୍ଷର । କେବଳ ଏତିକି ନୁହେଁ, ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏବେ ସ୍ମାର୍ଟ ଫୋନ ସମୟ ବିତାଇବାରେ ଉପକରଣ ପାଲଟିଥିବା କୁହାଯାଇପାରେ, ଇଂଟରନେଟ ସହାୟତାରେ ବିଭିନ୍ନ ପିଲା ଜ୍ଞାନ ଆହରଣ ମାଧ୍ୟମ ପାଲଟିଥିବା ଅସ୍ୱୀକାର କରାଯାଇନପାରେ କିନ୍ତୁ ଜ୍ଞାନ ପରିବର୍ତେ ଖରାପ ଗ୍ରହଣ କରିବା ପିଲାଙ୍କ ମନୋଭାବ ପାଲଟିଛି । ଯାହାକି ଶେଷରେ ଜୀବନ ନେଉଛି । ଏହାର ମାତ୍ରାଧିକ ବ୍ୟବହାର ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ନିଦ୍ରାହୀନତା, ଶୈକ୍ଷିକ ପ୍ରଦର୍ଶନଲ ଜ୍ଞାନ ଆହରଣ, କାର୍ଯ୍ୟ କରିବାର ଦକ୍ଷତାକୁ ମଧ୍ୟ ପ୍ରଭାବିତ କରୁଥିବା ଏକ ବିଶ୍ଳେଷଣାତ୍ମକ ରିପୋର୍ଟରୁ କୁହାଯାଇଛି । ଏହା ନିସନ୍ଦେହ ଯେ, ପ୍ରତି ପ୍ରତିକ୍ରିୟାରେ ସମାନ ବିପରୀତ ପ୍ରତିକ୍ରିୟା ଥାଏ । ସ୍ମାର୍ଟଫୋନରେ ବ୍ୟବହାର ଏବେ ଯେତିକି ଅପରିହାର୍ଯ୍ୟ ହୋଇପଡିଛି, ସେତିକି ମାତ୍ରାରେ ପିଲାଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ପାଇଁ ବିପଦର କାରଣ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ବିଶ୍ୱର ସର୍ବପ୍ରଥମ ରାଷ୍ଟ୍ର ଭାବେ ଆଇନ ବଳରେ ୧୬ବର୍ଷରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିଛି । ଅଷ୍ଟ୍ରେଲିଆ ପଦାଙ୍କ ଅନୁସରଣ ନିଉଜଲ୍ୟାଣ୍ଡ ସହ କେତେକ ରାଷ୍ଟ୍ର ଅନୁରୂପ ପଦକ୍ଷେପ ଗ୍ରହଣ କରୁଥିବା ଜଣାଯାଏ । ଆମ ଦେଶରେ ନିକଟରେ ପ୍ରକାଶିତ ୨୦୨୪-୨୫ ଅର୍ଥନୈତିକ ସର୍ଭେ ରିପୋର୍ଟରେ ସାମାଜିକ ଗଣମାଧ୍ୟମର ବ୍ୟବହାର ବ୍ୟୟଭିତିକ କରିବା ପାଇଁ ମତ ରଖେ । କେନ୍ଦ୍ରରେ କ୍ଷମତାସୀନ ଏନଡିଏର ଅଂଶୀଦାର ଦଳ ତେଲୁଗୁଦେଶମ ପାର୍ଟିର ସଂସଦୀୟ ଦଳର ନେତା ୧୬ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ମୋବାଇଲ ବ୍ୟବହାର ନିଷିଦ୍ଧ କରିବାକୁ ଏକ ବେସରକାରୀ ବିଲ୍ ପାର୍ଲିଆମେଂଟରେ ଆଗତ କରିବାକୁ ନିଷ୍ପତି ନେଇଥିବା ଜଣାଯାଏ । ଏହା ନିସନ୍ଦେହ ଯେ, ଭବିଷ୍ୟତରେ ଗାଜିଆବାଦ ପରି ଘଟଣାର ଯେପରି ପୁନରାବୃତି ଘଟେ, ସେଥିପ୍ରତି ଧ୍ୟାନ ଦେବା ଲାଗି ଦେବା ଆବଶ୍ୟକ । କେବଳ ଏତିକି ନୁହେଁ, ପିଲାଙ୍କୁ ଏଥିରୁ ନିବୃତ ରଖିବା ଏବେ ଏକ ଚ୍ୟାଲେଞ୍ଜ ସଦୃଶ ଉଭା ହୋଇଛି ।

# ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ

## ଡ଼ଃ.ଅରୁନ୍ଧତୀ ଦେବୀ

ରାମକୃଷ୍ଣ ନନ୍ଦ ଜଣେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଓ ଗୀତିକାର ଥିଲେ । ସେ ଛାପାଖାନା ଓ ମୁଦ୍ରଣାଳୟ ପ୍ରତିଷ୍ଠା କରି, ବହୁ ଓଡ଼ିଆ ପୁସ୍ତକ ଓ ପତ୍ରିକା ପ୍ରକାଶନ କରିଥିଲେ । ତାଙ୍କ ରଚିତ 'ଆହେ ଦୟାମୟ ବିଶ୍ୱ ବିହାରୀ' ଆମ ରାଜ୍ୟର ବହୁ ବିଦ୍ୟାଳୟରେ ପ୍ରାର୍ଥନା ଭାବରେ ଗାନ କରାଯାଏ । ରାମକୃଷ୍ଣ ୧୯୦୬ ମସିହା ଫେବୃଆରୀ ୧୫ ତାରିଖରେ କଟକ ଗୋବିନ୍ଦପୁର ଅନ୍ତର୍ଗତ ବାଇରୋଇଠାରେ ଜନ୍ମଗ୍ରହଣ କରିଥିଲେ । ପରିବାରର ଆର୍ଥିକ ଅବସ୍ଥା ଭଲ ନଥିଲା । ତେଣୁ ରାମକୃଷ୍ଣଙ୍କୁ ପାଠପଢ଼ିବା ଛାଡ଼ି ଚାକିରି କରିବାକୁ ପଡ଼ିଥିଲା । ମାଟ୍ରିକ ପାସ କରିବା ଆଗରୁ ତାଙ୍କର ବାହାଘର ହୋଇଯାଇଥିଲା । ବିବାହ ପରେ ଚାକିରି ଛାଡ଼ି, ପୁଣି ପାଠ ପଢ଼ିଥିଲେ ସୁଦ୍ଧା ଅଭାବ ଅନଟନ କାରଣ ଯୋଗୁ ସମାପ୍ତ କରପାରିନଥିଲେ । ତେବେ ୧୯୪୬ ମସିହାରେ ରାମକୃଷ୍ଣ କଟକ ତଳ ତେଲେଙ୍ଗା ବଜାରରେ ଜାଗା କିଣି ଘର ତିଆରି କରିଥିଲେ ଓ ସେଠାରେ ପାରିଜାତ ଛାପାଖାନ ବସାଇଥିଲେ । ତା'ପରେ ସେ ସଂସାର ପ୍ରେସ୍ ସ୍ଥାପନା କରିଥିଲେ ।

୧୯୫୧ ମସିହାରେ ଏହି ପ୍ରେସ୍‌ରୁ ସଂସାର ପତ୍ରିକା ପ୍ରକାଶନ ଆରମ୍ଭ କରାଗଲା । ପାଠ୍ୟପୁସ୍ତକ ଜାତୀୟକରଣ ପୂର୍ବରୁ ସେ ବହୁ ପୁସ୍ତକ ଛାପିଥିଲେ । ଆଜିକା ସମୟରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ସଂସାର' ମାସିକ ଏକ ଲୋକପ୍ରିୟ ଶିଶୁ ଓ ପାରିବାରିକ ପତ୍ରିକା ଭାବେ ପରିଚୟ ପାଇଛି । ୧୯୩୩ ମସିହାରେ ବାରିପଦାରେ ଶିକ୍ଷକତା କରୁଥିବା ସମୟରେ ସେ ଆହେ ଦୟାମୟ ବିଶ୍ୱ ବିହାରୀ ରଚନା କରିଥିଲେ । ଜଣେ ବାସ୍ତବବାଦୀ ଯଥାର୍ଥ ଶିକ୍ଷାବିତ୍ ଓ ଶିଶୁ ସାହିତ୍ୟିକ ସହ ଜଣେ ମୂଲ୍ୟବୋଧର ଯଥାର୍ଥ ମଣିଷ ସେ ଥିଲେ । ତାଙ୍କ ଜୀବନକାଳ ଭିତରେ ଅନେକ ଅଭାବୀ ମେଧାବୀ ପିଲାମାନଙ୍କୁ ସେ ପାଠପଢ଼ାଇ ଥିଲେ । ଆଜି ତାଙ୍କ ଜନ୍ମ ତିଥିରେ ଏହି ଲେଖିକା ତାଙ୍କ ପ୍ରତି ଭକ୍ତିପୁଷ୍ପ ସମର୍ପିତ ଶ୍ରଦ୍ଧା ସୁମନ ଅର୍ପଣ କରୁଛି ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ୟୁରୋପ ବଜାରରେ ଭାରତର ପ୍ରବେଶ

## ସୌମେନ୍ଦ୍ର ଜେନା

ନିକଟରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଶେଷ ହୋଇସାରିଛି । ଏଥିପାଇଁ ୟୁରୋପୀୟ ସଂଘର ବହୁନେତା ଭାରତ ଆସିଥିଲେ । ୟୁରୋପୀୟ ସଂଘ କମିଶନର ଅଧ୍ୟକ୍ଷ ଉର୍ସୁଲା ତାଙ୍କ ବକ୍ତବ୍ୟରେ ଯେମିତି ଡାଭୋସରେ ଘୋଷଣା କରିଥିଲେ ସେମିତି ନୂଆଦିଲ୍ଲୀରେ ମଧ୍ୟ ବେଶ୍ ଆତ୍ମବିଶ୍ୱାସୀ ଜଣାପଡୁଥିଲେ । ପୃଥିବୀର ୨୦୦କୋଟି ଜନତାଙ୍କର ବିଶ୍ୱ ବାଣିଜ୍ୟର ଏକ ଚତୁର୍ଥାଂଶ ଜିଡିପି ରହିଥିବା ଏହି ଦୁଇ ଗଣତାନ୍ତ୍ରିକ ଶକ୍ତି ମଧ୍ୟରୁ ଗୋଟିଏ ବିଶ୍ୱର ଦ୍ୱିତୀୟ ଅର୍ଥନୀତି ହୋଇଥିଲା ବେଳେ ଅନ୍ୟଟି ଚତୁର୍ଥ ଅର୍ଥନୀତି ବୋଲି ସେ କହିଥିଲେ । ବିଶ୍ୱର ସର୍ବବୃହତ ବାଣିଜ୍ୟ ବୁଝାମଣା ଭାରତ ସହ କରିବା ପରେ ସେ ବିଶ୍ୱରେ ଯୋଗାଣଧାରାକୁ କାଏମ ରଖି ରୋଜଗାର ସୃଷ୍ଟି ଏକମୁଖୀ ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି କହିଥିଲେ । ନୀତି ଆଧାରିତ ବାଣିଜ୍ୟ ଏବଂ ମୁକ୍ତ ଆର୍ଥିକ କାରବାର ପାଇଁ ଏହା ମାର୍ଗ ପ୍ରଶସ୍ତ କରିବ, ୨୦୩୨ ସୁଦ୍ଧା ଏହି ବୁଝାମଣା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବ ଏହାଦ୍ୱାରା ୟୁରୋପୀୟ ବସ୍ତୁ ଉପରେ ୪ ବିଲିଅନ ୟୁରୋ ବାର୍ଷିକ ବଞ୍ଚିବ । ବୁଝାମଣାରେ ଭାରତ ପ୍ରଥମଥର ପାଇଁ ଏକ ସହଯୋଗୀ ରାଷ୍ଟ୍ରସମୂହକୁ ଅଧିକ ସୁବିଧା ଦେବାକୁ ରାଜି ହୋଇଛି । ୟୁରୋପର ଦାମୀ କାର ଉପରୁ ବର୍ତ୍ତମାନ ରହିଥିବା ୧୧୦ ପ୍ରତିଶତ ଟିକସ ପରେ ୧୦ ପ୍ରତିଶତକୁ ହ୍ରାସ ପାଇବ । ମେସିନ ଉପରେ ଥିବା ୪୪ପ୍ରତିଶତ, ରାସାୟନିକ ପଦାର୍ଥରେ ୨୨ ପ୍ରତିଶତ ଏବଂ ଔଷଧ ଉପରେ ଥିବା ୧୧ ପ୍ରତିଶତ ଟିକସ ଶୂନ୍ୟସ୍ତରକୁ ଖସିଯିବ । ସେହିପରି ୟୁରୋପର ମଦ ଉପରେ ଥିବା ୧୫୦ପ୍ରତିଶତ ଟିକସ ୭୫ ପ୍ରତିଶତକୁ ଖସିବ । ପରେ ତାହା ୨୦ ପ୍ରତିଶତକୁ ହ୍ରାସ ପାଇବ । ଅଲିଭ ତେଲ ଉପରେ ଥିବା ୪୫ ପ୍ରତିଶତ ଟିକସ ଶୂନ୍ୟ ସ୍ତରକୁ ଖସିବ । ବିଦେଶୀ ପାଉଁରୁଟି ଏବଂ ଚକୋଲେଟ୍ ଉପରୁ ୫୦ ପ୍ରତିଶତ ଟିକସ ହ୍ରାସ ପାଇବ । ଏଆରଟେଲର ମାଲିକ ସୁନିଲ ଭାରତୀ ମିତ୍ତଲଙ୍କ ଭାଷାରେ "ଏହି ବୁଝାମଣା ବିଶ୍ୱାସ, ସ୍ଥିରତା ଏବଂ ବହୁ ଦିନପାଇଁ ସହଯୋଗୀ ହେବାଲାଗି ବିଶ୍ୱକୁ ସନ୍ଦେଶ ଦେଇଛି । ଏହା ଫଳରେ ଡିଜିଟାଲ ଭିତ୍ତିଭୂମି, ମହାକାଶରେ ସଂଯୋଗୀକରଣ, ନେଟୱାର୍କର ସୁରକ୍ଷା, ଭାରତରେ ନବସର୍ଜନ ପାଇଁ ୟୁରୋପର ସହଯୋଗ ସହ ବିଶ୍ୱବଜାରକୁ ଖୋଲିବ । ୟୁରୋପରେ ଟେଲିକମ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଏଆରଟେଲ ପାଇଁ ରାସ୍ତା ଫିଟିଛି ।" ଏହା ଯୋଗୁ ଭୋକ୍ସୱାଗନ, ମର୍ସିଡିସ ବେଞ୍ଜ ଏବଂ ରିନଲ୍ଟ ପରି କମ୍ପାନୀର ପ୍ରାୟ ବାର୍ଷିକ ୨,୫୦,୦୦୦ କାର ଉପରୁ ଟିକସ ହ୍ରାସ ପାଇବ । ରୁଷିଆକୁ ୨୦୨୨ରୁ ଯାଉନଥିବା କିମ୍ବା ଟିକସଯୁକ୍ତ ହୋଇ ଆମେରିକା ଯାଉଥିବା ୟୁରୋପର କାରଗୁଡିକ ଭାରତର ବଡ ବଜାରରେ ସୁବିଧାରେ ବିକ୍ରିର ସୁଯୋଗ ଲାଭ କରିବେ । ସେମିତି ଭାରତର ଚମଡା, ସାମୁଦ୍ରିକ ଦ୍ରବ୍ୟ, ପୋଷାକପତ୍ର, ରାସାୟନିକ ପଦାର୍ଥ, ରବର, ଖଣିଜଦ୍ରବ୍ୟ, ମୂଲ୍ୟବାନ ପଥର, ଅଳଙ୍କାର ଆଦି ୟୁରୋପର ବଜାରରେ ବିକ୍ରିର ସୁବିଧା ପାଇବେ । ଭାରତରେ କ୍ଷୀର, ଘିଅ, ଲହୁଣି ପରି ଦୁଗ୍ଧଜାତ ପଦାର୍ଥ କ୍ଷେତ୍ରରେ ୟୁରୋପର କମ୍ପାନୀ ବିକ୍ରି ସୁବିଧା ପାଇବେ ନାହିଁ । ସେମିତି ୟୁରୋପରେ ଭାରତର ଚିନି, ମାଂସ, କୁକୁଡା ପରି ପଦାର୍ଥ ବିକ୍ରି ସୁବିଧା ପାଇବେ ନାହିଁ । ଦକ୍ଷତାଯୁକ୍ତ ଯୁବକ ଏବଂ ଶ୍ରମିକ ଉଭୟ ଦେଶରେ ନିଯୁକ୍ତି ସୁଯୋଗ ଲାଭ କରିବେ ।

ମାର୍ଚ୍ଚ ୨୦୨୫ସୁଦ୍ଧା ୟୁରୋପୀୟ ସଂଘର ଦ୍ୱିପାକ୍ଷିକ ବାଣିଜ୍ୟ ଭାରତ ସହ ୧୯୬ ବିଲିଅନ ଡଲାର ଥିଲା । ଆମେରିକା ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୩୨ ବିଲିଅନ ଡଲାର ରହିଥିଲା । ଚୀନ-ଭାରତ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୪ ବିଲିଅନ ଡଲାର ରହିଥିଲା । ମୁକ୍ତ ବାଣିଜ୍ୟ ବୁଝାମଣା ପରେ କଟକଣା ଯୋଗୁ ଭାରତରୁ ଆମେରିକାକୁ ଯାଉନଥିବା ବସ୍ତୁ ୟୁରୋପରେ ବିକ୍ରିର ସୁବିଧା ପାଇବ । ନିକଟରେ ଆମେରିକା ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଘୋଷଣା କରିଥିଲେ ମଧ୍ୟ ବଙ୍ଗଳାଦେଶ ସହ ଆଗୁଆ ଶୂନ୍ୟ ତାରିଫଯୁକ୍ତ ବାଣିଜ୍ୟ କରିବାକୁ ପ୍ରକାଶ କରିଛି । ଆମେରିକାର ଏହି ପଦକ୍ଷେପ ମୁକ୍ତ ବାଣିଜ୍ୟ ବୁଝାମଣା ପରେ ମଧ୍ୟ ବିଶ୍ୱାସ ଦୃଷ୍ଟିରୁ ଭାରତରେ ଦୁର୍ବଳ ରହିବ । ଅନେକ ରାଷ୍ଟ୍ର ଚୀନ ଏବଂ ଆମେରିକା ଉପରୁ ଭରସା ତୁଟାଇଥିବା ହେତୁ ଭାରତ ଉପରେ ଭରସା କରିବା ସ୍ୱାଭାବିକ । ଭାରତ ପରି ସର୍ବବୃହତ ଜନବହୁଳ ଏବଂ ବଡ ବଜାର ଅନ୍ୟ କୌଣସି ଦେଶରେ ମିଳିବ ନାହିଁ । କାରଣ ଆମେରିକା ଆଉ ଭରସାଯୋଗ୍ୟ ଦେଶ ହୋଇ ରହିନାହିଁ ବୋଲି ଜେପି ମୋର୍ଗାନ ସଂସ୍ଥାର ସିଇଓ ଜେମି ଡିମୋନ ପ୍ରକାଶ କରିଛନ୍ତି । ୟୁରୋପର ୧୪୪ଟି ସବ୍‌ସେକ୍ଟର କ୍ଷେତ୍ରରେ ଭାରତ ପ୍ରବେଶ କରିବ । ସେମିତି ଭାରତରେ ୧୦୨ଟି ସବ୍‌ସେକ୍ଟର କ୍ଷେତ୍ରରେ ୟୁରୋପ ସେବା ଦେବ । ପାରମ୍ପାରିକ ଔଷଧ ପ୍ରଚଳିତ ନଥିବା ଅଞ୍ଚଳରେ ଭାରତର ଔଷଧ ପ୍ରବେଶ ସୁବିଧା ଲାଭ କରିବ ।

ମୁକ୍ତ ବାଣିଜ୍ୟ ବୁଝାମଣାରେ କୃତ୍ରିମ ବୁଦ୍ଧିମତ୍ତା, ସ୍ୱଚ୍ଛ ଟେକ୍‌ନୋଲୋଜୀ, ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ୟୁରୋପୀୟ ସଂଘରୁ ସହଯୋଗ ମିଳିବ । ୟୁରୋପର ୨ ଟ୍ରିଲିଅନ ବଜାରରେ ଭାରତ ପ୍ରବେଶ କରିବ । ୨୦୩୦ସୁଦ୍ଧା ଭାରତ ୟୁରୋପକୁ ୩୦୦ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରିବାକୁ ଲକ୍ଷ୍ୟ ରଖିଛି । ଦେଶର ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ ଏବଂ ତାମିଲନାଡୁର କ୍ଷୁଦ୍ର ଏବଂ କୁଟୀରଶିଳ୍ପ ଏଥିରୁ ଲାଭବାନ ହେବେ । ବିଶେଷକରି ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ଭାରତ ଓ ୟୁରୋପୀୟ ସଂଘ ଉଭୟେ ଲାଭବାନ ହେବେ । ଯୁଦ୍ଧପୋତ ନିର୍ମାଣ, ବାଣିଜ୍ୟପୋତ ନିର୍ମାଣ, ବୁଡାଜାହାଜ ନିର୍ମାଣ, ବିମାନ ନିର୍ମାଣ କ୍ଷେତ୍ରରେ ଭାରତ ୟୁରୋପୀୟ ସଂଘର ଦକ୍ଷ କମ୍ପାନୀଗୁଡିକ ସହ ମିଶି କାର୍ଯ୍ୟକରିପାରିବ । ସ୍ୱିଡେନର ଫାବ୍ କମ୍ପାନୀ ଦ୍ୱାରା ନିର୍ମିତ ଗ୍ରୀପେନ ଯୁଦ୍ଧବିମାନ ଭାରତରେ ନିର୍ମାଣ ପାଇଁ ଏବେ ଇଚ୍ଛାପ୍ରକାଶ କରିଛି । ଦୁଇଦେଶର କମ୍ପାନୀଗୁଡିକ ମଧ୍ୟରେ ସହଯୋଗ ବଢିଲେ ଭାରତର କୁଶଳୀ ଶ୍ରମିକ ଏବଂ ୟୁରୋପର ନିବେଶର ସହଯୋଗରେ ନାହିଁ ନଥିବା କାର୍ଯ୍ୟ ସମ୍ଭବ ହେବ । ଏହି ବୁଝାମଣା ପରେ ବ୍ରିକ୍ସ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଦୂରତା ହ୍ରାସ ପାଇବ । ଫ୍ରାନ୍ସ, ଇଟାଲୀ ଏବଂ ଜର୍ମାନୀ ବ୍ରିକ୍ସରେ ଯୋଗଦେବାକୁ ଆଗ୍ରହୀ ରହିଛନ୍ତି । ଭାରତର ମାଧ୍ୟମରେ ଏହା ସମ୍ଭବ ହେଲେ ୟୁରୋପରେ ଯୁଦ୍ଧ ଭୟ ହ୍ରାସ ହେବ ଏବଂ ଆମେରିକା କ୍ଷତି ସହିବ ।

ନବସର୍ଜନ, ଶିକ୍ଷା, ଗବେଷଣା ପରି ବହୁବିଧ କ୍ଷେତ୍ରରେ ବୁଝାମଣାର ପ୍ରଭାବ ପଡିବ । ୟୁରୋପର ୨୬୩.୫ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ବଜାର ଏବେ ଭାରତ ପାଇଁ ଖୋଲିଯିବ । ବିନା ଶୁଳ୍କରେ ଭାରତର ବସ୍ତ୍ର ୟୁରୋପର ବଜାରରେ ପ୍ରବେଶ କରିବ । ଏବେ ବାର୍ଷିକ ୭ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ଭାରତ ୟୁରୋପକୁ ରପ୍ତାନୀ କରୁଛି । ଅଥଚ ବଙ୍ଗଳାଦେଶ ବିନା ଶୁଳ୍କରେ ବାର୍ଷିକ ୩୦ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ୟୁରୋପକୁ ରପ୍ତାନୀ କରିଆସୁଛି । ତେଣୁ ଭାରତ ୩୦-୪୦ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ବାର୍ଷିକ ରପ୍ତାନୀ କରିପାରିବ । ୟୁରୋପକୁ ଭାରତ ପ୍ରତିବର୍ଷ ୬୦ପ୍ରତିଶତ ପ୍ରସ୍ତୁତ ବେଶପୋଷାକ ରପ୍ତାନୀ କରୁଛି । ତା ପଛକୁ କପଡା ୧୭ପ୍ରତିଶତ ଏବଂ ଫାଇବର ପୋଷାକ ୧୨ପ୍ରତିଶତ ରପ୍ତାନୀ କରୁଛି । ଭାରତରେ ୪୫୦ଲକ୍ଷ ଲୋକ ସିଧାସଳଖ ବସ୍ତ୍ର ଉଦ୍ୟୋଗରେ କାର୍ଯ୍ୟ କରୁଛନ୍ତି । ଦେଶର ୩୪୨ଟି ଜିଲ୍ଲାର ଲୋକେ ଏହି ଶିଳ୍ପରେ ସାମିଲ ଅଛନ୍ତି । ପ୍ରସ୍ତୁତ ପୋଷାକ ତିରୁପୁର, ବେଙ୍ଗାଲୁରୁ, ଗୁରୁଗ୍ରାମ, ଫରିଦାବାଦରୁ ଯାଉଥିବାବେଳେ କପଡା ବସ୍ତ୍ର କାରୁର, ପାନିପତ, ଅହମ୍ମଦାବାଦରୁ ଏବଂ ସିନ୍ଥେଟିକ ପୋଷାକ ସୁରତ, ଦାଦ୍ରା ଓ ନଗର ହାବେଳି, ମୁମ୍ବାଇରୁ ମୁଖ୍ୟତଃ ପ୍ରସ୍ତୁତ ହୋଇ ରପ୍ତାନୀ ହେଉଛି । ସେହିପରି ସିଲ୍‌କ କ୍ଷେତ୍ରରେ ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ବିହାରର ବୁଣାକାର କାର୍ଯ୍ୟ କରୁଛନ୍ତି । ୨୦୧୯ରେ ୟୁରୋପୀୟ ସଂଘ ସହ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷକରି ଭିଏତନାମ ପରି ଦେଶ ଏବେ ୧୪ରୁ ବିଲିଅନ ୧୬ଡଲାର ମୂଲ୍ୟର ପୋଷାକ ପ୍ରତିବର୍ଷ ରପ୍ତାନୀ କରୁଛି । ଏଥିରୁ ଭାରତ ଶିକ୍ଷା କରିପାରିବ । ରପ୍ତାନୀ ବଢିଲେ ଏହି ଶିଳ୍ପରେ ରୋଜଗାର ଏବଂ ନିଯୁକ୍ତି ମଧ୍ୟ ବୃଦ୍ଧିପାଇବ । ୟୁରୋପ ଅନେକ ସାମଗ୍ରୀ ପାଇଁ ଚୀନ କିମ୍ବା ଆମେରିକା ଉପରେ ନିର୍ଭର କରିବ ନାହିଁ, ଏକଥା ସତ । ଅକ୍ଟୋବର ୨୦୨୫ରେ ଭାରତ-ଇକୋନୋମିକ ପାର୍ଟନରସିପ ଏଗ୍ରିମେଣ୍ଟୟୁରୋପର ସ୍ୱିଜରଲାଣ୍ଡ, ନରୱେ,ଆଇସଲାଣ୍ଡ, ଲିଚେନଷ୍ଟେନ ସହ ହୋଇଥିଲା । ସେଥିରେ ଏହିସବୁ ରାଷ୍ଟ୍ର ଆସନ୍ତା ୧୫ ବର୍ଷରେ ଭାରତରେ ୧୦୦ ବିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ ସହମତି ପ୍ରଦାନ କରିଥିଲେ । ସେମିତି ଡିସେମ୍ବର ୨୦୨୫ରେ ଭାରତ-ଓମାନ ବ୍ୟାପକ ଆର୍ଥିକ ସହଯୋଗ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ସେଥିରେ ୯୮ ପ୍ରତିଶତ ଭାରତର ବସ୍ତୁ ଶୁଳ୍କ ମୁକ୍ତ ଭାବେ ଓମାନର ବଜାରରେ (କ୍ରମଶଃ)

# ମହାପ୍ରଭୁଙ୍କ ଶ୍ରଦ୍ଧାର ଶ୍ରାଦ୍ଧବସ୍ତ୍ର ଓ ବେଶ

## କବୀର କୁମାର ଜେନା

ମହାପ୍ରଭୁଙ୍କ ନୀତି ଅପୂର୍ବ, ମହିମା, ଅପୂର୍ବ । କୃପାମୟ ମହାପ୍ରଭୁଙ୍କ ବର୍ଷ ତମାମ ବାର ମାସରେ ତେଶ ଯାତ୍ରା । ଏହା ସହିତଅନେକ ପର୍ବପର୍ବାଣୀ ଓ ଛୋଟମୋଟ ଉପଯାତ୍ରାକୁ ମିଶାଇ ଦେଲେ ଏହା ତେରରେ ଆଉ ସୀମିତ ରହିବ ନାହିଁ । ସେହିପରି ମହାପ୍ରଭୁଙ୍କ ଅପୂର୍ବ ଓ ଚମତ୍କାର ନୀତିକାନ୍ତି ଭିତରେ ଯେଉଁ ବେଶ ବ୍ୟବସ୍ଥା ରହିଛି ତାହା ଶ୍ରୀମନ୍ଦିରର ସ୍ୱତ୍ୱଲିପିର ତଥ୍ୟ ଅନୁଯାୟୀ ସଂଖ୍ୟା ୨୪ ହେଉଥିଲେ ମଧ୍ୟ କିନ୍ତୁ ବିଭିନ୍ନ ସାମୟିକ ଓ ସ୍ୱତନ୍ତ୍ର ବେଶ ବ୍ୟବସ୍ଥାକୁ ଦେଖିଲେ ଏହାର ସଂଖ୍ୟା ମଧ୍ୟ ଅନେକ ବେଶୀ । ବେଶ ସହିତ ଅଳଙ୍କାର, ଆୟୁଧ ଓ ବିଶେଷକରି ପୁଷ୍ପ ଅଳଙ୍କାରର ଅନନ୍ୟ ସ୍ୱତନ୍ତ୍ରତା ରହିଛି । ଶ୍ରୀମନ୍ଦିରରେ ନୀତିକାନ୍ତିର ବ୍ୟବସ୍ଥା ଅନୁଯାୟୀ ଅମାବାସ୍ୟା ତିଥି ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଓ ଶୁକ୍ଳ ପ୍ରତିପଦରେ ଦେବ ଦୀପାବଳୀ ନୀତି ଅନୁଷ୍ଠିତ ହୋଇଥାଏ । ଏ ସମ୍ବନ୍ଧରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗବେଷକ ଅସୀତ ମହାନ୍ତି ତାଙ୍କ 'ଅନନ୍ୟ ଶ୍ରୀମନ୍ଦିର'ରେ ଉଲ୍ଲେଖ କରିଛନ୍ତି । ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ କହିଛନ୍ତି – ମାନବଲୀଳା ସଂପନ୍ନ କରିବା ପାଇଁ ଶ୍ରୀ ଈଶ ବା ଲକ୍ଷ୍ମୀପତି ଶ୍ରୀଜଗନ୍ନାଥ ଏଠାରେ ଦାରୁରୂପରେ ଆବିର୍ଭୂତ ହୋଇଛନ୍ତି । ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ । ବ୍ରହ୍ମଙ୍କର ପ୍ରତିମା ନ ଥାଏ, କି ତାଙ୍କର ପିତା, ମାତା, ପିତାମହ, ପତ୍ନୀ ଆଦି କେହି ନଥାନ୍ତି । କିନ୍ତୁ ଦାରୁ ରୂପେ ସେ ମାନବଲୀଳା ସଂପନ୍ନ କରୁଥିବାରୁ ତାଙ୍କର ପିତା, ମାତା, ପତ୍ନୀ, ଭ୍ରାତା, ଭଗ୍ନୀ ଓ ସ୍ୱଜନ ଆଦି ଅଛନ୍ତି । ଏ ସବୁକୁ ନେଇ ତାଙ୍କର ବିରାଟ ପରିବାର । ଏଣୁ ଗୃହସ୍ଥ ଭାବରେ ମଧ୍ୟ ସେ ନିଜର କର୍ତ୍ତବ୍ୟ ନିର୍ବାହ କରିଥାନ୍ତି ।

ମନୁସ୍ମୃତିରେ ଗୃହସ୍ଥଙ୍କର ପରମ କର୍ତ୍ତବ୍ୟ କ'ଣ ତାହା ବର୍ଣ୍ଣିତ ହୋଇଛି । ତାହା ହେଉଛି 'ଅଧ୍ୟାପନଂ ବ୍ରହ୍ମଯଜ୍ଞ, ପିତୃ ଯଜ୍ଞୋସ୍ତୁ ତର୍ପଣମ୍ । ହୋମୋନୈବୋ ବଳିର୍ଭୂତୋ, ନୃଯଜ୍ଞାତିଥିପୂଜନମ୍ ।' ଅର୍ଥାତ୍ ଶାସ୍ତ୍ର ଅଧ୍ୟୟନ ବା ଶାସ୍ତ୍ରଶିକ୍ଷା, ବ୍ରହ୍ମଯଜ୍ଞ, ପିତୃଯଜ୍ଞ, ତର୍ପଣ, ଦେବଯଜ୍ଞ, ଭୂତଯଜ୍ଞ, ନୃଯଜ୍ଞ ଓ ଅତିଥି ପୂଜନ ଆଦି ଗୃହସ୍ଥଙ୍କର ପରମ କର୍ତ୍ତବ୍ୟ । ଏଣୁ ଶ୍ରୀଜଗନ୍ନାଥ ସ୍ୱୟଂ ଦାରୁବ୍ରହ୍ମ ହେଲେ ମଧ୍ୟ, ଗୃହସ୍ଥ ଭାବରେ ସେ ନିଜର କର୍ତ୍ତବ୍ୟ ନିର୍ବାହ କରିଥାନ୍ତି । ଦେବଦୀପାବଳିରେ ଦୀପଦାନ ଏହାର ଏକ ନିଦର୍ଶନ ।

ଏହି ସ୍ତମ୍ଭର ଏକ ପୂର୍ବ ଅଧ୍ୟାୟ ଚାଉଳଗଛରେ ଘିଅଦୀପରେ ଏ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ତେବେ ଏଠାରେ ସୂଚନାଯୋଗ୍ୟ ଯେ ଦେବଦୀପାବଳିର ଏହି ତିନିଦିନରେ ଶ୍ରୀଜଗନ୍ନାଥ ତାଙ୍କର ବିଜେ ପ୍ରତିମା ଶ୍ରୀମଦନମୋହନ ଏବଂ ଦୁଇ ପତ୍ନୀ ଶ୍ରୀଦେବୀ ଓ ଭୂଦେବୀଙ୍କ ମାଧ୍ୟମରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଠାରେ ନିଜର ବିଭିନ୍ନ ଯୁଗର ପିତାମାତାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥାଆନ୍ତି । ଏହି ପିତାମାତା ମାନଙ୍କ ମଧ୍ୟରେ ସତ୍ୟଯୁଗର କଶ୍ୟପ ଓ ଅଦିତି ଅନ୍ତର୍ଭୁକ୍ତ, ଯେ ତାଙ୍କର ବାମନାବତାରର ପିତାମାତା । ସେହିପରି ତାଙ୍କର ତ୍ରେତାଯୁଗର ଶ୍ରୀରାମ ଅବତାରର ପିତାମାତା ହେଉଛନ୍ତି ଦଶରଥ ଓ କୌଶଲ୍ୟା । ପ୍ରଥମ ଦୁଇଦିନ ଏହି ଦୁଇ ଯୁଗର ପିତାମାତାଙ୍କୁ ଦୀପଦାନ କରିବା ପରେ ଦେବ ଦୀପାବଳିର ଶେଷ ଦିନ ସେ ତାଙ୍କର ଦ୍ୱାପର ଯୁଗର ପୂର୍ଣ୍ଣବତାର ଶ୍ରୀକୃଷ୍ଣଙ୍କର ଜନ୍ମଦାତା ପିତାମାତା ବସୁଦେବ ଓ ଦେବକୀ ଏବଂ ତାଙ୍କର ପାଳକ ପିତାମାତା ନନ୍ଦ ଓ ଯଶୋଦାଙ୍କୁ ଦୀପଦାନ କରିଥାଆନ୍ତି ।

ସେହିପରି, କଳିଯୁଗର ପିତାମାତା ରୂପେ କଥିତ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କୁ ମଧ୍ୟ ଦୀପଦାନ କରିଥାଆନ୍ତି । କୌଣସି ଶାସ୍ତ୍ରୋଲ୍ଲେଖ ନଥିଲେ ମଧ୍ୟ, ପରମ୍ପରାକ୍ରମେ ଏହା ସ୍ୱୀକୃତ ହୋଇ ଆସିଛି । ତେବେ ଏଡି ଦେବଦୀପାବଳି ଅବସରରେ ଶ୍ରୀଜଗନ୍ନାଥଙ୍କର ବେଶ ଓ ବସ୍ତ୍ରର ବିଶେଷ ସ୍ୱତନ୍ତ୍ରତା ରହିଥାଏ । ଗୃହସ୍ଥ ଶ୍ରାଦ୍ଧଦାନ କରିବା ସମୟରେ ଯେପରି ଶୁକ୍ଳବସ୍ତ୍ର ପରିଧାନ କରିଥାଆନ୍ତି ଏବଂ ତାଙ୍କର ପରିଧାନରେ ଯେପରି କୌଣସି ଐଶ୍ୱର୍ଯ୍ୟ ନଥାଏ, ସେହିପରି ଏହି ବେଶ । ଏଣୁ ଏହାକୁ ସାଦାବେଶ ମଧ୍ୟ କୁହାଯାଇଥାଏ । ଏହି ବେଶରେ ଶ୍ରୀଜଗନ୍ନାଥାଦି ଦେବତା ନାଗପୁରୀ ଶାଢ଼ି ଓ ଉତ୍ତରୀୟ ପରିଧାନ କରିଥାଆନ୍ତି । ଏହି ବସ୍ତ୍ରର ବର୍ଣ୍ଣ ଶୁକ୍ଳ । ମାତ୍ର ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ବର୍ଣ୍ଣ ଓ ବିଶେଷତ୍ୱ ସହ ସମ୍ପର୍କ ରକ୍ଷା କରି, ଶ୍ରୀଜଗନ୍ନାଥ ପରିଧାନ କରିଥିବା ବସ୍ତ୍ରର ଧଡ଼ିର ରଙ୍ଗ ଲାଲ, ଶ୍ରୀବଳଭଦ୍ର ପରିଧାନ କରିଥିବା ବସ୍ତ୍ରର ଧଡ଼ିର ରଙ୍ଗ କଳା ଓ ଦେବୀ ସୁଭଦ୍ରା ପରିଧାନ କରିଥିବା ବସ୍ତ୍ରର ଧଡ଼ିର ରଙ୍ଗ ହଳଦି ହୋଇଥାଏ । ଏହା ଶ୍ରୀମନ୍ଦିରର ଏକ ଅନନ୍ୟତା । ମହାପ୍ରଭୁଙ୍କ ଅନନ୍ୟ ଏହି ଶ୍ରାଦ୍ଧବେଶ ଓ ଶ୍ରାଦ୍ଧ ବସ୍ତ୍ରର ଦର୍ଶନ ନିମିତ୍ତ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଥାଏ । ମହାପ୍ରଭୁଙ୍କୁ ଏହି ଅନନ୍ୟ ଓ ଅପୂର୍ବ ବେଶରେ ଦର୍ଶନ କରି ଭକ୍ତଜନ କୃପା ପ୍ରାପ୍ତ ହୋଇଥାନ୍ତି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୮୯୧୭୩୭୭୯୮୭

# ୪୦ବର୍ଷରେ ଉପଭୋକ୍ତା ଆନ୍ଦୋଳନ

## ଗୋପାଳ ମହାପାତ୍ର

ଉପଭୋକ୍ତା ଆନ୍ଦୋଳନକୁ ୪୦ ବର୍ଷ ପୁରିଛି । ଏହି ଅବଧି ମଧ୍ୟରେ ଏହି ଆନ୍ଦୋଳନ କେତେ ସଫଳ ହୋଇଛି ବା ବିଫଳ ହୋଇଛି ସେ ପ୍ରସଙ୍ଗରେ ଆଲୋଚନା କରିବାର ଆବଶ୍ୟକତା ରହିଛି । ଉପଭୋକ୍ତା ଆନ୍ଦୋଳନର ସୂତ୍ରପାତ ୧୯୮୬ରେ ହୋଇଥିଲା ଉପଭୋକ୍ତା ସଂରକ୍ଷଣ ଆଇନ୍ ପ୍ରଣୟନ ପରେ ଯେଉଁଥିରେ ଉପଭୋକ୍ତାଙ୍କୁ ଅଣଦେଖା ଏପରିକି ଖରାପ ବସ୍ତୁର ବିକ୍ରୀ ବା ସେବାରେ କୌଣସି ପ୍ରକାରର ତୃଟିକୁ ତଦନ୍ତ କରାଯାଇ ଯଥୋଚିତ ଆଦେଶ ଦେବା ପାଇଁ ଜିଲ୍ଲାସ୍ତର, ରାଜ୍ୟସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ନ୍ୟାୟାଳୟରେ ଗଠନ/ସ୍ଥାପନ ପାଇଁ ମାର୍ଗ ପ୍ରଶସ୍ତ ହୋଇଥିଲା । ୨୦୧୯ରେ ଏହି ଆଇନ୍‌ରେ କେତେକ ପରିବର୍ତ୍ତନ ଅଣାଯାଇଥିଲା । କିନ୍ତୁ ଏବେ ଯଦି ୪୦ ବର୍ଷର ଏହି ଉପଭୋକ୍ତା ସଂରକ୍ଷଣ ଯାତ୍ରାର ଆକଳନ କରାଯାଏ ତେବେ ଜଣାପଡ଼ିବ ଯେ ଦେଶର ନ୍ୟାୟ ବ୍ୟବସ୍ଥା ଭଳି ଏଠାରେ ମଧ୍ୟ ନ୍ୟାୟ ମାଗୁଥିବା ଲୋକଙ୍କୁ ନ୍ୟାୟ ମିଳିବାରେ ବିଳମ୍ବ ହେଉଛି । ଆଉ ଏକ ସମ୍ବେଦନଶୀଳ କଥା ହେଉଛି ଦେଶର ଅନେକ ଲୋକଙ୍କୁ ସେମାନଙ୍କର ଏହି ବହୁମୂଲ୍ୟ ଅଧିକାର ସମ୍ପର୍କରେ ଏବେବି ଜଣାନାହିଁ । ଏଣୁ ଉପଭୋକ୍ତା ସଂରକ୍ଷଣ ଅଧିକାର ପ୍ରତି ଅଜ୍ଞାନତା ଦୂର କରିବାର ଆବଶ୍ୟକତା ରହିଛି । ଶିକ୍ଷା ବ୍ୟବସ୍ଥା ସହ ଏହାକୁ ଯୋଡାଯାଇ ପାରିଲେ ଲୋକେ ଅଧିକ ଭାବେ ଏବାବଦରେ ଜାଣିପାରନ୍ତେ । ଏପରିକି ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ମଧ୍ୟ ଅଭିଯାନ ରାଷ୍ଟ୍ରୀୟ ସ୍ତରରେ କରାଯିବାର ଅବଶ୍ୟକତା ରହିଛି ।

ଉପଭୋକ୍ତା/ ଉପଭୋଗତା ଅଦାଲତ ମାଧ୍ୟମରେ ଯେଉଁ ସଂରକ୍ଷଣ ଅଭିଯାନ ତୀବ୍ର ଗତିରେ ଚାଲିବା କଥା ତାହା ହୋଇପାରୁନାହିଁ । ଏହି ଅଦାଲତ ବ୍ୟବସ୍ଥା ଏଭଳି ସ୍ଥାପନ କରାଯାଇଥିଲା ଯେ ସାମାନ୍ୟ ଅଭିଯୋଗରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ସମ୍ଭବ ହେବା କଥା କିନ୍ତୁ ଏଠି ମଧ୍ୟ ଅନ୍ୟ ଅଦାଲତ ଭଳି ଛୋଟିଆ ରାଶିର ମାମଲା ପାଇଁ ଓକିଲ ଙ୍କର ଆବଶ୍ୟକତା ପଡୁଛି । ଅର୍ଜି ପ୍ରସ୍ତୁତ କରିବାକୁ ପଡୁଛି, ଦସ୍ତାବିଜ ଯୋଡିବାକୁ ପଡୁଛି, ପୁଣି ସାକ୍ଷ ପ୍ରମାଣର ଉପସ୍ଥିତିରେ ଆବେଦନ ତଥ୍ୟକୁ ସିଦ୍ଧ କରିବାକୁ ପଡୁଛି ଏବଂ ପରିଶେଷରେ ଓକିଲଙ୍କ ତର୍କ ଓ ପରେ ପୁଣି ଆଦେଶ ପାଇଁ ପ୍ରତୀକ୍ଷା । ଅପିଲ ପଦ୍ଧତି ଅଭିଯୋଗ କର୍ତ୍ତାଙ୍କ ପାଇଁ ଆଶା ବଦଳରେ ନିରାଶା, ରାୟ/ନିର୍ଣ୍ଣୟ ପାଇଁ ସମୟ ଗଡିଚାଲିବା ଭଳି ଅବସ୍ଥାର ମଧ୍ୟ ଘଟୁଛି । ସାଧାରଣତଃ କୌଣସି ଘରୋଇବସ୍ତୁ ବା ସେବା ସମ୍ବନ୍ଧିତ ଅଭିଯୋଗ ଉପଭୋକ୍ତାଙ୍କ ପକ୍ଷରୁ ଅଣାଯାଇଥାଏ । ଏଭଳି ଅଭିଯୋଗର ନିରିକ୍ଷଣ, ପରୀକ୍ଷଣରେ ସାମାନ୍ୟ ବିବେକର ପ୍ରୟୋଗ କରି ଶୀଘ୍ର ନିର୍ଣ୍ଣୟ ସମ୍ଭବ । କିନ୍ତୁ ମାମଲାର ଲମ୍ବା ଅଦାଲତ ପ୍ରକ୍ରିୟା କାରଣରୁ ନିର୍ଣ୍ଣୟ/ରାୟ ବିଳମ୍ବ ହୋଇଥାଏ । ଏଥିରୁ ସ୍ପଷ୍ଟ ଯେ ଉପଭୋକ୍ତା ନ୍ୟାୟ ପ୍ରଣାଳୀରେ ବିବେକଶୀଳତା ବା ଗତିଶୀଳତାର କୌଣସି ସ୍ଥାନ ନାହିଁ । ଅନ୍ୟ ଅଦାଲତ ମାନଙ୍କ ଭଳି ଉପଭୋକ୍ତା/ଖାଉଟି ଅଦାଲତରେ ଯଦି ସେହିଭଳି ବ୍ୟବସ୍ଥା ରହେ ତେବେ ଉପଭୋକ୍ତା ସଂରକ୍ଷଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବ କେମିତି ? ସୂଚନାର ଅଧିକାର ମଧ୍ୟ ଏକ ଆନ୍ଦୋଳନ ଭଳି ଆଇନର ରପ ନେଇଥିଲା । ଏହି ଅଭିଯାନ ଏବେ ତୀବ୍ର ଗତିରେ ଚାଲିଛି । ହାତ ଲେଖା ଆବେଦନ ପତ୍ର ଦେଇ ମଧ୍ୟ କୌଣସି ବିଭାଗରୁ ସୂଚନା ମଗାଯାଇପାରେ । ୩୦ ଦିନ ମଧ୍ୟରେ ମଧ୍ୟ ଆବେଦନର ଉତ୍ତର ଆସୁଛି । ଉପଭୋକ୍ତା ସଂରକ୍ଷଣକୁ ମଧ୍ୟ ସୂଚନା ଅଧିକାର ଭଳି ପଦ୍ଧତି ଆପଣେଇବା ଆବଶ୍ୟକ । ଏଥିପାଇଁ ବାରମ୍ବାର ଆଇନ୍‌ରେ ସଂଶୋଧନର ଆବଶ୍ୟକତା ଅଥବା ଅନୁଶାସନର କଡା ପ୍ରକ୍ରିୟା ଲାଗୁକରାଯିବାର ଆବଶ୍ୟକତା ନାହିଁ । ବାସ୍ତବରେ ଉପଭୋକ୍ତା/ ଖାଉଟି ଅଦାଲତର ନ୍ୟାୟାଧିଶ ମାନଙ୍କୁ ଏକଥା ଚିନ୍ତା କରିବା ଆବଶ୍ୟକ ଯେ ଯେଉଁ ଉପଭୋକ୍ତା ମାତ୍ର କିଛି ହଜାର ଟଙ୍କାର କ୍ଷତିପୂରଣ ପାଇଁ ତାଙ୍କ ନିକଟକୁ ଆସିଛି ତାଙ୍କର ଅଧିକାର/ପ୍ରାପ୍ୟ ରାଶି ଠାରୁ ଅଧିକ ରାଶି ଏବଂ ସମୟ ବ୍ୟୟ କରାଯିବା ଅନ୍ୟାୟ ନିଶ୍ଚୟ । ଔପଚାରିକ ଅଦାଲତ ପ୍ରକ୍ରିୟାକୁ ଶୀଘ୍ରାତିଶୀଘ୍ର ସମାପ୍ତ କରାଯାଇ ପାରିଲେ ଉପଭୋକ୍ତା ଆନ୍ଦୋଳନକୁ ବାସ୍ତବରେ ନ୍ୟାୟକାରୀ ବ୍ୟବସ୍ଥାରେ ପରିଣତ କରାଯାଇପାରିବ ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆଞ୍ଚଳିକ ମନ୍ଥନ
ମଙ୍ଗଳବାର,୧୭,ଫେବୃଆରୀ,୨୦୨୬ Tuesday,17 February 2026, Bhubaneswar





# ସରିତା ସାହୁ ହେଲେ ନୂତନ ଜିଲ୍ଲା ବିଜେଡି ମହିଳା ସଭାପତି

କେନ୍ଦ୍ରାପଡ଼ା,୧୬।୨:(ମନ୍ଥନ)ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ କେନ୍ଦ୍ରାପଡା ପୌରାଧକ୍ଷା ସରିତା ସାହୁଙ୍କୁ ଜିଲ୍ଲା ବିଜେଡି ମହିଳା ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। କେନ୍ଦ୍ରାପଡା ପୌରପରିଷଦର ଅଧକ୍ଷା ଭାବେ ଶ୍ରୀମତୀ ସାହୁଙ୍କ କାର୍ଯ୍ୟଦକ୍ଷତା ଓ ସାଂଗଠନିକ ଦକ୍ଷତାକୁ ନେଇ ବିଜେଡି ପକ୍ଷରୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀମତୀ ସାହୁ ୨୦୨୨ମସିହାରୁ କେନ୍ଦ୍ରାପଡା ପୌରପାଳିକାର ଅଧକ୍ଷା ଭାବେ କାର୍ଯ୍ୟକରିଆସୁଛନ୍ତି। ବିଗତ ୪ବର୍ଷ ମଧ୍ୟରେ ସେ କେନ୍ଦ୍ରାପଡା ପୌରପାଳିକା ଅଞ୍ଚଳରେ ବିଜେଡିର ସାଂଗଠନିକ ଦକ୍ଷତାକୁ ବୃଦ୍ଧି କରିଛନ୍ତି। ସେହିପରି ପୌରାଞ୍ଚଳରେ ବିକାଶ ମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଦେଇ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି। ୨୦୨୪ରୁ ବିଜେଡି ହାତରୁ ଶାସନ କ୍ଷମତା ଖସିଯାଇଥିଲେ ମଧ୍ୟ ପୌରାଞ୍ଚଳରେ ସଂଗଠନ ଦୁର୍ବଳ ହୋଇନାହିଁ। ସଂଗଠନକୁ ମଜଭୁତ କରିବାରେ ସେ ଅହରହ ପରିଶ୍ରମ କରୁଛନ୍ତି। ତାଙ୍କର ଏହି ସାଂଗଠନିକ ଦକ୍ଷତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଖରେ ପହଞ୍ଚି ଥିବାରୁ ଦଳ ତାଙ୍କୁ ଏହି ଗୁରୁ ଦାୟିତ୍ୱ ଅର୍ପଣ କରିଛି। ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଦଳର ସୁପ୍ରିମୋ ମୋ ଉପରେ ଭରଷା କରି ଯେଉଁ ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି ତାହାକୁ ମୁଁ ସୂଚାରୁ ରୂପେ ପାଳନ କରିବି। କେନ୍ଦ୍ରାପଡା ପୌରାଞ୍ଚଳବାସୀଙ୍କ ସ୍ୱାର୍ଥକୁ ପୂର୍ବରୁ ଯେପରି ଅଗ୍ରାଧିକାର ଦେଇଆସିଛି ଆଗକୁ ମଧ୍ୟ ତାହା ନିରବଚ୍ଛିନ୍ନ ଭାବେ ଚାଲିବ। ଏଥିପାଇଁ ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ଏହି ନିଯୁକ୍ତି ମିଳିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ପିଏମଶ୍ରୀ ଶ୍ରୀ ଚନ୍ଦ୍ରଶେଖର ହାଇସ୍କୁଲର ୫୮ ତମ ବାର୍ଷିକ ଉତ୍ସବ

କବିସୂର୍ଯ୍ୟନଗର,୧୬।୨:(ମନ୍ଥନ)ପିଏମଶ୍ରୀ ଶ୍ରୀ ଚନ୍ଦ୍ରଶେଖର ହାଇସ୍କୁଲର ୫୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବି ନାରାୟଣ ବେହେରା, ମାଧବ ଚନ୍ଦ୍ର ମାଝୀ, ସିମାଞ୍ଚଳ ପାଣି, ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ବିଜେପି କାଉନସିଲର ଦୀପ୍ତି କୁମାରୀ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ସ୍ୱାଇଁ, ଉଦୟନାଥ ମହାନ୍ତି, ପରମାନନ୍ଦ ଖଣ୍ଡୁଆଳ, ଉଜଉଉ ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ରେ ଶିକ୍ଷାଦାନ ସହ ଛାତ୍ର ଛାତ୍ରୀ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଏବଂ ଅନ୍ତରନିହିତ କଳାର ବିକାଶ ପାଇଁ ଉଦ୍ୟମ ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାଯ ଉତ୍ସବ କୁ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।

# ଓଡ଼ିଶା ଉଦୟ ଫାଉଣ୍ଡେସନ୍ ପକ୍ଷରୁ କୋଇଲା ଖଣି ଯୋଗୁଁ ଅନୁଗୋଳର ଭବିଷ୍ୟତ ଉପରେ ସମ୍ମିଳନୀ

ଅନୁଗୋଳ,୧୬।୨:(ମନ୍ଥନ)ଓଡ଼ିଶା ଉଦୟ ଫାଉଣ୍ଡେସନ୍ ପକ୍ଷରୁ କୋଇଲା ଖଣି ଯୋଗୁଁ ଅନୁଗଳ ର ଭବିଷ୍ୟତ କଣ ଶୀର୍ଷକରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଆୟୋଜନ ହୋଇଯାଇଛି । ଓଡିଶା ଉଦୟ ଫାଉଣ୍ଡେସନ ର ଅଧକ୍ଷା ଶ୍ରୀମତୀ ସ୍ମୃତିଲିପି ମିଶ୍ର, ସାଧାରଣ ସମ୍ପାଦିକା ଅର୍ଚ୍ଚନା ପଟ୍ଟନାୟକ ଉପସ୍ଥିତ ରହି ଏହି ସମ୍ମିଳନୀରେ ନୀତି ନିର୍ଦ୍ଧାରକ, ଶିଳ୍ପ ନିପୁଣ, ପରିବେଶ ବିଶେଷଜ୍ଞ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଅନୁଗୋଳର ଭବିଷ୍ୟତ ଉନ୍ନତି ନେଇ ଆଲୋଚନା କରିଥିଲେ । ଆଲୋଚନାରେ କୋଇଲା ଖଣି ଅନୁଗୋଳକୁ ଶିଳ୍ପ ଓ ଅର୍ଥନୈତିକ ଭାବେ ସଶକ୍ତ କରିଥିବା ବିଷୟ ଉପରେ ଆଲୋକପାତ କରାଯାଇଥିଲା । ଦୀର୍ଘକାଳୀନ ଉନ୍ନତି ପାଇଁ ପରିବେଶ ସୁରକ୍ଷା, ସସ୍ଥାୟୀ ଖଣି ପ୍ରକ୍ରିୟା ଓ ସ୍ଥାନୀୟ ଲୋକଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଥିଲାଯ ଉପସ୍ଥିତ ଜନସାଧାରଣ ଅନୁଗୋଳ ଜିଲା ରେ ହେଉଥିବା ବ୍ୟାପକ ପ୍ରଦୂଷଣ ନିରାକରଣ ଉପରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ବାୟୁ, ଜଳ ପ୍ରଦୂଷଣ କୁ କିଭଳି କମ କରାଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା । ସମସ୍ତେ ବୃକ୍ଷ ରୋପଣ କରିବାର ସଂକଳ୍ପ ନେବା ଉଚିତ ।ଓଡିଶା ଉଦୟ ଫାଉଣ୍ଡେସନ ର ଏହି ସମ୍ମିଳନି କୁ ଅଖିଳ ବେହେରା ଉପସ୍ଥାପକ ଭାବେ ଉପସ୍ଥାପନା କରିଥିଲେ । ଅନୁଗୋଳ ଜିଲ୍ଲା ରେ ଜିଲ୍ଲା ଖଣିଜ ପାଣ୍ଠିର ସୁବିନିଯୋଗ କରାଯିବା ପାଇଁ ଦାବି ରଖାଯାଇଥିଲା । ଆଗାମୀ କୋଇଲା ଖଣି ପାଇଁ ଅନୁଗୋଳ ର




ଭବିଷ୍ୟତ କଣ ? ସେ ଦିଗରେ ସମସ୍ତେ ଏବେଠୁ ସଚେତନ ହେବା ଦରକାର । ଆୟୋଜିତ ଏହି ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଅନୁଗୋଳ ପୌରପାଳିକା ନଗରପାଳ ଅକ୍ଷୟ ସାମନ୍ତ, ଅତିରିକ୍ତ ଜିଲ୍ଲାପାଳ ଉଦୟ ନାଥ ମହାପାତ୍ର ଉପସ୍ଥିତ ରହିଥିଲେ ।ବିଭିନ୍ନ ବକ୍ତାମାନେ ଉନ୍ନତ ପ୍ରଯୁକ୍ତି ବ୍ୟବହାର, ପରିବେଶ ସୁରକ୍ଷା ପଦକ୍ଷେପ, ପୁନର୍ବାସ ନୀତି ଓ ବିକଳ୍ପ ଶକ୍ତି ସମ୍ଭାବନା ବିଷୟରେ ନିଜର ମତାମତ ରଖିଥିଲେ ।ସମ୍ମିଳନୀରେ ସରକାର, ଶିଳ୍ପ ପ୍ରତିଷ୍ଠାନ ଓ ସ୍ଥାନୀୟ ସମୁଦାୟ ମଧ୍ୟରେ ସମନ୍ୱୟ ଆବଶ୍ୟକତା ଉପରେ ମଧ ଜୋର ଦିଆଯାଇଥିଲା ।ଏହି ସମ୍ମିଳନୀରେ ଅନୁଷ୍ଠାନର ଏକ ଟାଇଟଲ ସଙ୍ଗ କୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।ଓଡ଼ିଶା ଉଦୟ ଫାଉଣ୍ଡେସନ୍ ସମାଜର ସମଗ୍ର ଉନ୍ନତି ପାଇଁ ଏଭଳି ଗଢ଼ନାତ୍ମକ ଆଲୋଚନା ଓ ପଦକ୍ଷେପ ଜାରି ରଖିବାକୁ ପ୍ରତିବଦ୍ଧତା ବ୍ୟକ୍ତ କରିଛି । ସମ୍ମିଳନୀକୁ ସଫଳ କରିଥିବା ସମସ୍ତ ଅତିଥି, ବକ୍ତା ଓ ଅଂଶଗ୍ରହୀଙ୍କୁ ସଂସ୍ଥା ପକ୍ଷରୁ ଧନ୍ୟବାଦ ଜଣାଯାଇଛି । ଓଡିଶା ଉଦୟ ଫାଉଣ୍ଡେସନ ର ସଦସ୍ୟ ଶୁଭ୍ରଜିତ ସ୍ୱାଇଁ,ସ୍ୱସ୍ତିକ ଦେବ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ସହଯୋଗ କରିଥିଲେ । ଏହି ସମ୍ମିଳନୀରେ ପରିବେଶ କର୍ମୀ, ଏନଜିଓ, ସେବା ସଂଗଠନ, ଗଣମାଧ୍ୟମ, ଆଇନଜୀବୀ ଙ୍କ ସମେତ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ ।

# ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା

ଭୁବନେଶ୍ୱର,୧୬।୨:(ମନ୍ଥନ)ଭୁବନେଶ୍ୱର ଶିଶୁପାଳଗଡ଼ସ୍ଥିତ ପଦ୍ମନଗରରେ ପ୍ରଭୁ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ଏକ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିନିଦିନବ୍ୟାପୀ ଏକ ଯଜ୍ଞ ଅନୁଷ୍ଠିତ ହେବା ସହ ମନ୍ଦିର ଟ୍ରଷ୍ଟର ସଭାପତି ସରୋଜ କୁମାର ପରିଡ଼ାଙ୍କ ମାର୍ଗଦର୍ଶନରେ ପ୍ରତିଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ସରୋଜ ସାହୁ, କେଦାର ନାଥ ଷଡ଼ଙ୍ଗୀ, ଅଜୟ ସେଠି, ନବକିଶୋର ସାହୁ, ନୃସିଂହ ତରାଇ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ। ରାତି ୧୦ ଘଟିକା ସମୟରେ ନୀଳକଣ୍ଠେଶ୍ୱରଙ୍କ ମହାଦୀପ ଉଠିଥିଲା। ଆଖପାଖର ଶହସ୍ରାଧିକ ଭକ୍ତ ସେମାନଙ୍କ ଶ୍ରଦ୍ଧା ସୁମନ ଅର୍ପଣ କରି ଦୀପଦାନ କରିଥିଲେ। ପ୍ରସାଦ ସେବନ ବ୍ୟବସ୍ଥାକୁ ଜୟନ୍ତ ଗିରି, ବଳରାମ ଓଝା, ରାଜୀବ ମହାରଣା, ମିତାରାଣୀ ପରିଡ଼ା ଓ ସୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଭୀମେଶ୍ୱର ମହାଦେବ ମନ୍ଦିରରେ ମହା ରୁଦ୍ରାଭିଷେଖ

ଗଞ୍ଜାମ,୧୬।୨:(ମନ୍ଥନ)ଗଞ୍ଜାମ ଥାନା ଅନ୍ତର୍ଗତ ଓ ଏସ ଏ ପି ଅଷ୍ଟମ ବାଟାଲିୟାନ ପରିସରରେ ରହିଥିବା ଭୀମେଶ୍ୱରମହାଦେବ ମନ୍ଦିର ପ୍ରାଙ୍ଗଣରେ ମହା ରୁଦ୍ରାଭିଷେଖ ଅନୁଷ୍ଠିତ ହୋଇଯାଇଛି । ଉକ୍ତକାର୍ଯ୍ୟକ୍ରମରେମହା ରୁଦ୍ରାଭିଷେଖ ଅଧାମ୍ରିକ କାର୍ଯ୍ୟକ୍ରମରେ ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଓ ମହା ଉପଚ଼ର ପୂଜା ଆଦି ବିଭିନ୍ନ ଆଧାମ୍ରିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । କମାଣ୍ଡେଣ୍ଟ ସାରଦା ପ୍ରସାଦ ଦାସ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ସଙ୍ଘ କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଦେବ ଦେବ ମହାଦେବ ଭୀମେଶ୍ୱର ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ହାବିଲଦାର ଓ ସିପାହୀ ଶାଖା ସଙ୍ଘ ସଭାପତି ଯଶୋବନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ବାଟାଲିୟନର ସମସ୍ତ ହାବିଲଦାର ଓ ସିପାହୀ ବୃନ୍ଦ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ । ସେହିପରି ଗଞ୍ଜାମ ବ୍ଲକରେ ରହିଥିବା ବଟେଶ୍ୱର, ଅଳେଶ୍ୱର, ବାଲି ଲୋକନାଥ, ଝାଡେଶ୍ୱର, ନୀଳକଣ୍ଠେଶ୍ୱର, ମକରେଶ୍ୱର, ରାମେଶ୍ୱର, ଖଣ୍ଡେଶ୍ୱର, ଆଖଣ୍ଡଳ ମଣି, ଖଣ୍ଡେଶ୍ୱର, କାଶୀ ବିଶ୍ୱନାଥ ପ୍ରମୁଖ ବିଭିନ୍ନ ଶୈବପୀଠ ମାନଙ୍କରେ ମହାଶୀବରାତ୍ର ପାଳିତ ହୋଇଥିଲା । ବିଭିନ୍ନ ଶୈବପୀଠ ମାନଙ୍କରେ ନମଯଜ୍ଞ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଯାହାକୁନେଇ ସ୍ଥାନୀୟ ଅଞ୍ଚଳରେ ଆଧାମ୍ରିକ ପରିବେଶ ସୃଷ୍ଟି ହୋଇଥିଲା ।



# ମଣିଶଙ୍କରଙ୍କ ଆୟରଙ୍କ ବିବାଦୀୟ ବୟାନ

ନୂଆଦିଲ୍ଲୀ,୧୬।୨(ଏଜେନ୍ସି):କଂଗ୍ରେସ ପାର୍ଟିର ଆଭ୍ୟନ୍ତରୀଣ ପ୍ରସଙ୍ଗ ପୁଣି ଥରେ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି । ବର୍ଷିଆନ୍ କଂଗ୍ରେସ ନେତା ମଣିଶଙ୍କର ଆୟରଙ୍କ ବୟାନକୁ ନେଇ କଂଗ୍ରେସକୁ ଲଜ୍ଜିତ ହେବାକୁ ପଡ଼ିଛି । ଏକ ଗଣମାଧ୍ୟମ ସଂସ୍ଥାକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦଳର କେତେକ ବରିଷ୍ଠ ନେତାଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଆୟର ଦଳର ବରିଷ୍ଠ ନେତା ଶଶି ଥରୁର୍, ଜୟରାମ ରମେଶ ଓ ପଠ୍ୱନ ଖେଡ଼ାଙ୍କ ସମ୍ପର୍କରେ ବିବାଦୀୟ ବୟାନ ଦେବା ସହିତ କଂଗ୍ରେସ ପାର୍ଟି କେରଳରେ ଆସନ୍ତା ବିଧାନସଭା ନିର୍ବାଚନ ଜିତିପାରିବ ନାହିଁ ବୋଲି କହିଛନ୍ତି । ସେ କହିଛନ୍ତି, କଂଗ୍ରେସ ନେତାମାନେ କମ୍ୟୁନିଷ୍ଟ ନେତାମାନଙ୍କୁ ଘୃଣା କରିବା ଅପେକ୍ଷା ପରସ୍ପରକୁ ଅଧିକ ଘୃଣା କରନ୍ତି । କେରଳ ମୁଖ୍ୟମନ୍ତ୍ରୀ ତଥା ସିପିଏମ୍ ନେତା ପିନାରାୟୀ ବିଜୟନଙ୍କୁ ପ୍ରଶଂସା କରିବା ସହିତ ଆଗାମୀ ନିର୍ବାଚନ ପରେ ମଧ୍ୟ ସେ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି ଭବିଷ୍ୟବାଣୀ କରି ବିବାଦ ସୃଷ୍ଟି କରିଛନ୍ତି । କଂଗ୍ରେସ ଏହି ମନ୍ତବ୍ୟରୁ ନିଜକୁ ଦୂରେଇ ରଖିଛି । ପଠ୍ୱନ ଖେଡ଼ା କହିଛନ୍ତି ଯେ, ଆୟରଙ୍କର କଂଗ୍ରେସ ସହିତ କୌଣସି ସମ୍ପର୍କ ନାହିଁ ଏବଂ ଏହା ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ । ଅନ୍ୟପକ୍ଷରେ ଆୟର ଖେଡ଼ାଙ୍କୁ ସଖୀ କଣ୍ଢେଇ କହିବା ସହିତ କଂଗ୍ରେସ ପାର୍ଟିକୁ ତାଙ୍କ ବ୍ୟତୀତ କେହି ଦଳର ପ୍ରବକ୍ତା ହେବାକୁ ମିଳୁନାହିଁ ବୋଲି କହିଛନ୍ତି । କେରଳରେ କଂଗ୍ରେସ ଦଳର ଜିତିବା ଉପରେ ପ୍ରଶ୍ନରେ ଆୟର୍ କହିଥିଲେ, ଦଳ ଜିତୁ ବୋଲି ମୁଁ ଚାହୁଛି । କିନ୍ତୁ ଦଳର ନେତାମାନେ ବିଭାଜିତ ହୋଇ ରହିଥିବାରୁ ମୋତେ ସେମାନେ ଜିତିବା ପରି ମନେ ହେଉନାହିଁ । ଆୟାର ଚରିଥର ତିରୁଅନନ୍ତପୁରମ ସାଂସଦ ଶଶି ଥରୁରଙ୍କ ଉପରେ ମଧ କଡ଼ା ମନ୍ତବ୍ୟ ଦେଇଥିଲେ । ଅପରେସନ ସିନ୍ଦୁର ପ୍ରସଙ୍ଗରେ ଥରୁର୍ ତାଙ୍କ ମନ୍ତବ୍ୟକୁ ନେଇ ଦଳୀୟ ନେତୃତ୍ୱ ସହିତ ବିବାଦର ସମ୍ମୁଖୀନ ହୋଇଥିଲେ । ଆୟର ଥରୁରଙ୍କୁ ପାକିସ୍ତାନ ବିରୋଧୀ ବୋଲି କହିବା ସହିତ ସେ ପରବର୍ତ୍ତୀ ବୈଦେଶିକ ମନ୍ତ୍ରୀ ହେବାର ମହତ୍ତ୍ୱାକାଂକ୍ଷା ପୋଷଣ କରନ୍ତି ବୋଲି କହିଛନ୍ତି । ଆୟାର ଏହା ମଧ୍ୟ କହିଛନ୍ତି ଯେ, କଂଗ୍ରେସର ଯୋଗାଯୋଗ ମୁଖ୍ୟ ଜୟରାମ ରମେଶଙ୍କୁ ତାଙ୍କ ପଦବୀ ବଜାୟ ରଖିବାକୁ ପଡିବ ।



## ପାହାଡ଼ ଖୋଳି ପରମାଣୁ ଠିକଣା ତିଆରି କରିଛି ଚୀନ

ନୂଆଦିଲ୍ଲୀ,୧୬।୨(ଏଜେନ୍ସି):ପାହାଡ଼ ଖୋଳି ପରମାଣୁ ଠିକଣା ତିଆରି କରିଛି ଚୀନ । ସାଟେଲାଇଟ୍ ଫଟୋରୁ ଭାରତର ବଢ଼ିଲା ଟେନସନ୍ । ଚୀନ ସିଚୁଆନ ପ୍ରାନ୍ତରେ ଗୁପ୍ତ ପରମାଣୁ ଅସ୍ତ୍ର ଠିକଣା ତିଆରି କରିଥିବା ନ୍ୟୁୟର୍କ ଟାଇମ୍ସ ଦାବି କରିଛି । ଜିୟୋସ୍ପେଶାଲ ଇଣ୍ଟେଲିଜେନ୍ସ ଏକ୍ସପର୍ଟସ୍ ମୁତାବକ ୨୦୧୯ ପରଠାରୁ ଚୀନ ପରମାଣୁ ଅସ୍ତ୍ର ତିଆରି ଜୋରଦାର୍ କରିଛି । ସିଚୁଆନରେ ଜିଟାଙ୍ଗ ଘାଟୀରେ ପାହାଡ଼ ଖୋଳି ପରମାଣୁ ଆଡ୍ଡା ତିଆରି କରିଛି । ଏଠାରେ ବଡ଼ ବଡ଼ ବଙ୍କର ତିଆରି କରାଯାଇଛି । ପାଇପ୍ ଗୁଡ଼ିକୁ ଜାଲ ଭଳି ବିଛା ଯାଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଚୀନ ତାର ଷ୍ଟ୍ରାଟେଜିକ୍ ପୋଜିସନ ଲଗାତର ମଜବୁତ କରୁଛି । ୨୦୨୪ ସୁଦ୍ଧା ଚୀନ ପାଖରେ ୫୦୦ ରୁ ଅଧିକ ପରମାଣୁ ଅସ୍ତ୍ର ଥିଲା । ୨୦୩୦ ସୁଦ୍ଧା ଡ୍ରାଗନ୍ ଏକ ହଜାର ନ୍ୟୁକ୍ଲିଆର୍ ୱିପନ୍ ଲକ୍ଷ୍ୟ ରଖିଛି । ଏବେ ଚୀନ ଆମେରିକା ଏବଂ ଋଷ ତୁଳନାରେ ବହୁ ପଛରେ ଅଛି । ଆସନ୍ତା ୧୦ ବର୍ଷରେ ବି ଚୀନ ଋଷର ବରାବର ହୋଇପାରିବ ନାହିଁ । ପରମାଣୁ ଯୁଦ୍ଧ ଆଡ଼କୁ ଏବେ ବିଶ୍ୱ ଅଗ୍ରସର ହେଉଛି । ଆମେରିକା ଏବଂ ଇରାନ ଯୁଦ୍ଧର ଦ୍ୱାରଦେଶରେ ଠିଆ ହୋଇଛନ୍ତି । ଇରାନ ଯଦି ଡିଲ୍ କରିବାକୁ ରାଜି ନହୁଏ ତେବେ ଆମେରିକା ପରମାଣୁ ଆଟାକ୍ କରିବ ବୋଲି ଧମକ ଦେଇଛି । ଖାଲି ସେତିକି ନୁହେଁ ଏହାର ପରିଣାମ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟକୁ ଭୋଗିବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ।

## ଇରାନର ପରମାଣୁ କାର୍ଯ୍ୟକ୍ରମରେ ଲଗାମ ଲଗାଇବା ପାଇଁ ନେତାନ୍ୟାହୁ କଠୋର

ନୂଆଦିଲ୍ଲୀ,୧୬।୨(ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ସାମ୍ପ୍ରତିକ ସାକ୍ଷାତକୁ ଉଲ୍ଲେଖ କରି କହିଛନ୍ତି, ୱାସିଂଟନ ଓ ତେହେରାନ ମଧ୍ୟରେ ଯେକୌଣସି ସମ୍ଭାବ୍ୟ ପରମାଣୁ ଚୁକ୍ତିନାମାରେ ଇରାନର ପରମାଣୁ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଭାଙ୍ଗିବା ବାଧ୍ୟତାମୂଳକ ହେବା ଆବଶ୍ୟକ । ସେ ସ୍ପଷ୍ଟ କରିଛନ୍ତି, କେବଳ ୟୁରାନିୟମ ସମୃଦ୍ଧି ପ୍ରକ୍ରିୟାକୁ ବନ୍ଦ କରିବା ଯଥେଷ୍ଟ ହେବ ନାହିଁ, ବରଂ ସମୃଦ୍ଧିକୁ ଅନୁମତି ଦେଉଥିବା ସମସ୍ତ ଉପକରଣ ତଥା ଭିତ୍ତିଭୂମିକୁ ମଧ୍ୟ ନଷ୍ଟ କରିବାକୁ ପଡିବ । ଆମେରିକାର ପ୍ରମୁଖ ଇହୁଦୀ ସଂଗଠନଗୁଡ଼ିକର ବାର୍ଷିକ ସମ୍ମିଳନୀରେ ଭାଷଣ ଦେଇ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ଏହି ଚୁକ୍ତି ଉପରେ ମୋର ସନ୍ଦେହ ଅଛି । କିନ୍ତୁ ଇରାନରୁ ସମୃଦ୍ଧ ସାମଗ୍ରୀ ଅପସାରଣ କରିବା ଅତ୍ୟନ୍ତ ଜରୁରୀ । ସେ ଜୋର ଦେଇ କହିଛନ୍ତି, ଇରାନର କୌଣସି ସମୃଦ୍ଧି କ୍ଷମତା ରହିବା ଉଚିତ୍ ନୁହେଁ। ଏହା ସହିତ ସମୃଦ୍ଧି ପ୍ରକ୍ରିୟାକୁ ବନ୍ଦ କରିବା ଜରୁରୀ ।ଏହି ସମୟରେ, ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପରମାଣୁ ଆଲୋଚନା ଚଳିତ ସପ୍ତାହରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଜଣେ ଇରାନୀ କୂଟନୀତିଜ୍ଞ କହିଛନ୍ତି, ଇରାନ ଆମେରିକା ସହିତ ଏକ ନୂତନ ପରମାଣୁ ଚୁକ୍ତି ପାଇଁ କାମ କରୁଛି ଯାହା ଉଭୟ ଦେଶକୁ ଆର୍ଥିକ ଲାଭ ଦେବଯ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତେହେରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଦଶନ୍ଧି ଧରି ଚାଲିଥିବା ବିବାଦର ସମାଧାନ ଓ ସାମରିକ ମୁକାବିଲାକୁ ଏଡାଇବା ପାଇଁ ଆମେରିକା ଓ ଇରାନ ଚଳିତ ମାସ ଆରମ୍ଭରେ ଆଲୋଚନା ପୁନର୍ବାର କରିଥିଲେ । ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏହି ଅଞ୍ଚଳକୁ ଦ୍ୱିତୀୟ ବିମାନ ବାହକ ଜାହାଜ ପଠାଇଛି । ଯଦି ଆଲୋଚନା ବିଫଳ ହୁଏ ତେବେ ଦୀର୍ଘକାଳୀନ ସାମରିକ ଅଭିଯାନର ସମ୍ଭାବନା ପାଇଁ ପ୍ରସ୍ତୁତ ହେଉଛି । ଆମେରିକା-ଇରାନ ଉତ୍ତେଜନା ମଧ୍ୟରେ, ତେହେରାନ ପରମାଣୁ ଚୁକ୍ତିକୁ ପୁନଃ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ କରିଛି । ଇରାନ ଏକ ଚୁକ୍ତି ମୁହାଁ ହେଉଛି ଯାହା ଉଭୟ ପକ୍ଷ ପାଇଁ ଆର୍ଥିକ ଲାଭର ପଥକୁ ପ୍ରଶସ୍ତ କରିବ । ଇରାନର ଗଣମାଧ୍ୟମ ଅନୁଯାୟୀ, ବୈଦେଶିକ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶକ ହମିଦ ଘନବାରୀ କହିଛନ୍ତି, ଆମେରିକାକୁ ଅଧିକ ଓ ତୁରନ୍ତ ଆର୍ଥିକ ଲାଭ ପ୍ରଦାନ କରିପାରୁଥିବା ଯେକୌଣସି ସ୍ଥାୟୀ ଚୁକ୍ତି ପାଇଁ ଟ୍ରମ୍ପ ପ୍ରଶାସନ ଆଗ୍ରହୀ । ତେଲ, ଗ୍ୟାସ, ମିଳିତ କ୍ଷେତ୍ର, ଖଣି ନିବେଶ ତଥା ବିମାନ କ୍ରୟ ଭଳି କ୍ଷେତ୍ରଗୁଡ଼ିକୁ ଆମେରିକା ସହିତ ଆଲୋଚନାରେ ଅନ୍ତର୍ଭୁକ୍ତ କରାଯାଇପାରିବ ।



## ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ: ୭ମୃତ

ନୂଆଦିଲ୍ଲୀ,୧୬।୨(ଏଜେନ୍ସି):ସୋମବାର ସକାଳେ ରାଜସ୍ଥାନର ପ୍ରମୁଖ ଶିଳ୍ପ କେନ୍ଦ୍ର ଭିୱାଡିର ଖୁସଖେଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏକ ଘରୋଇ ରାସାୟନିକ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ପରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ଅନେକ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ବହୁ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି । ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଦୁର୍ଘଟଣାରେ ସାତ ଜଣ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଭିତରେ ଫସି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି । ଘଟଣା ସମୟରେ କାରଖାନାରେ ୨୦ ରୁ ୨୫ ଜଣ ଶ୍ରମିକ କାମ କରୁଥିଲେ । ସେମାନଙ୍କ ମଧ୍ୟରୁ କିଛି ଲୋକ ଜୀବନ ବଞ୍ଚାଇ ବାହାରକୁ ପଳାଇବାରେ ସଫଳ ହୋଇଥିବା କୁହାଯାଉଛି । ରିପୋର୍ଟ ଅନୁଯାୟୀ କାରଖାନାଟି କିଛି ମାସ ଧରି ବନ୍ଦ ଥିଲା। ସେଥିରେ କାର୍ଡବୋର୍ଡର ବହୁ ପରିମାଣର ଗଚ୍ଛିତ ଥିଲା । ଘଟଣାସ୍ଥଳରେ ଥିବା ଶ୍ରମିକମାନେ କାରଖାନା ଭିତରେ ତିନିରୁ ଚାରୋଟି ଜୋରଦାର ବିସ୍ଫୋରଣ ଶୁଣିବା ସହ ନିଆଁ ଲାଗିବା ସୂଚନା ଦେଇଥିଲେ । ବିସ୍ଫୋରଣ ଓ ଅଗ୍ନିକାଣ୍ଡର ସଠିକ୍ କାରଣ ବର୍ତ୍ତମାନ ଅସ୍ପଷ୍ଟ ।ଏହାର ତଦନ୍ତ ଜାରି ରହିଛି । ବାହାରକୁ ଅଣାଯାଇଥିବା ମୃତଦେହଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ମାନବ କଙ୍କାଳରୁ ତାହା କାହାର ଚିହ୍ନଟ କରିବା କଷ୍ଟକର ହେଉଛି । ଖୁସଖେଡା ଶିଳ୍ପ ଅଞ୍ଚଳର ପ୍ଲଟ୍ ନମ୍ବର ଜି-୧-୧୧୮-ବି ରେ ଏହି ଦୁର୍ଘଟଣା ଘଟିଛି । ସକାଳେ, ଶ୍ରମିକମାନେ କାମରେ ବ୍ୟସ୍ତ ଥିବା ସମୟରେ, କାରଖାନାର ଏକ ଅଂଶରୁ ହଠାତ ନିଆଁ ଉଠିବାକୁ ଲାଗିଲା । ପୁଲିସ ନିୟନ୍ତ୍ରଣ କକ୍ଷ ପୂର୍ବାହ୍ନ ୯:୨୨ରେ ରେ ଏକ ରିପୋର୍ଟ ପାଇଥିଲା । କାରଖାନାରେ ସାଇରନ୍ ବାଜି ଉଠିଥିଲା । ଏନେଇ ଅଗ୍ନିଶମ ବାହିନୀକୁ ତୁରନ୍ତ ସତର୍କ କରାଯାଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, କାରଖାନା ଭିତରେ ଗଚ୍ଛିତ ରାସାୟନିକ ପଦାର୍ଥ କିମ୍ବା ଜ୍ୱଳନଶୀଳ ପଦାର୍ଥ ଯୋଗୁଁ ନିଆଁ କିଛି ମିନିଟ୍ ମଧ୍ୟରେ ଦ୍ରୁତ ଗତିରେ ବ୍ୟାପିଯାଇଥିଲା । ଏହା ସମଗ୍ର କୋଠାକୁ ଗ୍ରାସ କରିଦେଇଥିଲା ।ନିଆଁର ଶିଖା ଦୂରକୁ ଦେଖାଯାଉଥିଲା । ଚାରିଆଡ଼େ କଳାଧୂଆଁ ବ୍ୟାପି ଯାଇଥିଲା । ସୂଚନା ପାଇବା ପରେ ପୁଲିସ, ଅଗ୍ନିଶମ ଗାଡ଼ି ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଯେତେବେଳେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରି କୋଠାରେ ପ୍ରବେଶ କରିଥିଲେ, ସେତେବେଳେ ଦୃଶ୍ୟ ଭୟଙ୍କର ଥିଲା । ଘଟଣାସ୍ଥଳରେ ଶ୍ରମିକଙ୍କ ଜଳିଯାଇଥିବା ମୃତଦେହ ପଡ଼ି ରହିଥିଲା ।ଉଦ୍ଧାର ହୋଇଥିବା ମୃତଦେହଗୁଡ଼ିକ ମାନବ କଙ୍କାଳ ପରି ଥିଲା, ସେଥିରୁ ନିଆର ତୀବ୍ରତା ଅନୁମାନ କରାଯାଇପାରିଛି । ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି । ଆହତମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାକୁ ପଠାଯାଇଛି । ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି । ନିଖୋଜ ଥିବା ପ୍ରିୟପରିଜନଙ୍କୁ ଲୋକେ ଲୁହଭରା ଆଖିରେ ଉଦ୍ଧାରକାରୀ ଦଳଙ୍କ ସହ ମିଶି ପାଉଁଶ ମଧ୍ୟରୁ ଖୋଜିବା ଜାରି ରଖିଛନ୍ତି ।

## ଯୁଦ୍ଧ ମଧ୍ୟରେ ୟୁକ୍ରେନରୁ ପଳାୟନ ଯୋଜନା କରୁଥିବା ଜେଲେନସ୍କିଙ୍କ ପୂର୍ବତନ ମନ୍ତ୍ରୀ ଗିରଫ

ନୂଆଦିଲ୍ଲୀ,୧୬।୨(ଏଜେନ୍ସି): ୟୁକ୍ରେନର ପୂର୍ବତନ ଶକ୍ତି ମନ୍ତ୍ରୀ ଜର୍ମାନ ଗାଲୁଶ୍ଚେଙ୍କୋଙ୍କୁ ଗିରଫ କରାଯାଇଛି । ଦେଶ ଛାଡି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ଅଟକ ରଖାଯାଇଛି । ୟୁକ୍ରେନର ଜାତୀୟ ଦୁର୍ନୀତି ନିବାରଣ ବ୍ୟୁରୋ କହିଛି, ସୀମା ପାର କରିବା ସମୟରେ ପୂର୍ବତନ ମନ୍ତ୍ରୀଙ୍କୁ ଧରାଯାଇଥିଲା । କର୍ତ୍ତୃପକ୍ଷ ସେମାନଙ୍କ ବିବୃତିରେ ଗାଲୁଶ୍ଚେଙ୍କୋ ନାମ ନେଇ ନଥିଲେ, କିନ୍ତୁ ୟୁକ୍ରେନୀୟ ଗଣମାଧ୍ୟମ ଗିରଫ ବ୍ୟକ୍ତିଙ୍କୁ ପୂର୍ବତନ ମନ୍ତ୍ରୀ ଭାବରେ ଚିହ୍ନଟ କରିଛି । ଦୁର୍ନୀତି ନିବାରଣ ବ୍ୟୁରୋ କହିଛି, ଏକ ପ୍ରାରମ୍ଭିକ ତଦନ୍ତ ଚାଲିଛି । ଆଇନ ଓ କୋର୍ଟର କଟକଣା ଅନୁଯାୟୀ ଏହା କରାଯାଉଛି । ଖୁବ୍ ଶୀଘ୍ର ସୂଚନା ପ୍ରଦାନ କରାଯିବ । ଗାଲୁଶ୍ଚେଙ୍କୋ କିଛି ବର୍ଷ ଧରି ଦେଶର ଶକ୍ତି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ କିନ୍ତୁ ଦୁର୍ନୀତି ଅଭିଯୋଗ ଆଣାଯିବା ପରେ ଗତ ନଭେମ୍ବରରେ ଇସ୍ତଫା ଦେଇଥିଲେ । ୨୦୨୫ ମସିହାରେ ଇସ୍ତଫା ଦେଇଥିବା ଅନେକ ମନ୍ତ୍ରୀଙ୍କ ମଧ୍ୟରେ ଗାଲୁଶ୍ଚେଙ୍କୋ ଜଣେ ଥିଲେ । ଦୁର୍ନୀତି ନିବାରଣ ବ୍ୟୁରୋ ଦେଶର ଶକ୍ତି କ୍ଷେତ୍ରରେ ଏକ ବଡ଼ ମନି ଲଣ୍ଡରିଂ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଥିଲା । ରାଷ୍ଟ୍ରପତି ଭୋଲୋଡିମିରଙ୍କ ଜଣେ ସହଯୋଗୀଙ୍କ ଦ୍ୱାରା ଏହା କରାଯାଇଥିଲା। ତଦନ୍ତକାରୀମାନେ କହିଛନ୍ତି ଯେ, ବରିଷ୍ଠ ଅଧିକାରୀ ଓ ମଧ୍ୟସ୍ଥିମାନେ ରାଷ୍ଟ୍ରାୟତ୍ତ ପରମାଣୁ ଅପରେଟର ସହିତ ଜଡିତ ଚୁକ୍ତି ସମେତ



ଶକ୍ତି କ୍ଷେତ୍ରର ଚୁକ୍ତିରୁ ବ୍ୟକ୍ତିଗତ ଭାବରେ ଲାଭବାନ ହୋଇଥିଲେ । ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ପବ୍ଲିକେସନର କାର୍ଯ୍ୟାଳୟ ଅନୁଯାୟୀ, ୧୦୦ ନିୟୁତ ଡଲାରର ଦୁର୍ନୀତି ହୋଇଥିଲା । ଠିକା ସଂସ୍ଥାକୁ ଦେୟ ଦେବା ଆଳରେ ବହୁ ହେରଫେର୍ ହୋଇଥିଲା । ଏହି ଷଡ଼ଯନ୍ତ୍ର ବ୍ୟବସାୟୀ ତୈମୁର ମିଣ୍ଡିଚ୍ ରଚିଥିଲେ । ତଦନ୍ତକାରୀମାନେ କହିଛନ୍ତି ଯେ ଗାଲୁଶ୍ଚେଙ୍କୋ ଶକ୍ତି କ୍ଷେତ୍ରରେ ବେଆଇନ ଆର୍ଥିକ ପ୍ରବାହ ପରିଚାଳନା କରିବାରେ ମିଣ୍ଡିଚ୍‌ଙ୍କୁ ସାହାଯ୍ୟ କରିଥିଲେ । ଠିକାଦାରମାନଙ୍କୁ ୧୦ ରୁ ୧୫ ପ୍ରତିଶତ ଲାଞ୍ଚ ଦେବାକୁ ବାଧ୍ୟ କରାଯାଇଥିଲା । କର୍ତ୍ତୃପକ୍ଷମାନେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଳା ଆୟକୁ ଧଳା କରିବା ଓ ବିଦେଶକୁ ପାଣ୍ଠି ସ୍ଥାନାନ୍ତର କରିବାର ମଧ୍ୟ ଅଭିଯୋଗ କରିଛନ୍ତି । ଏହି ଦୁର୍ନୀତି ମାମଲା ୟୁକ୍ରେନର ନେତୃତ୍ୱ ଉପରେ ଚାପ ପକାଇଛି । ଦେଶର ଶକ୍ତି ଭିତ୍ତିଭୂମି ରୁଷିଆ ଆକ୍ରମଣର ସମ୍ମୁଖୀନ ହେଉଥିବାବେଳେ ଯୁଦ୍ଧର କଷ୍ଟକର ସ୍ଥିତିରେ ଅଧିକାରୀମାନେ ଏହି କ୍ଷେତ୍ରକୁ ଶୋଷଣ କରିଥିବା ଅଭିଯୋଗ ୟୁକ୍ରେନୀୟମାନଙ୍କୁ କ୍ରୋଧିତ କରିଛି । ଏହି ମାମଲାରେ ଆହୁରି ଅନେକ ପ୍ରମୁଖ ବ୍ୟକ୍ତି ମଧ୍ୟ ଜଡିତ ଅଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଓଲେକ୍ସି ଚେର୍ନିଶୋଭଙ୍କୁ ଗିରଫ କରାଯାଇଥିଲା । ତୈମୁର ମିଣ୍ଡିଚ୍ ୟୁକ୍ରେନ ଛାଡିଥିବା କୁହାଯାଉଛି ।

## ଅଣ ପ୍ରତିରକ୍ଷା କ୍ଷେତ୍ରରେ ବିନିଯୋଗ ସି-ପ୍ଲେନ୍ ନିର୍ମାଣ କରିବ 'ହାଲ୍'

ନୂଆଦିଲ୍ଲୀ,୧୬।୨(ଏଜେନ୍ସି):ରାଷ୍ଟ୍ରାୟତ୍ତ ସଂସ୍ଥା 'ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍' (ହାଲ୍) ପକ୍ଷରୁ ନିର୍ମାଣ କରାଯିବ ସି-ପ୍ଲେନ୍ । ଏହି ବିମାନଗୁଡ଼ିକ ବେସାମରିକ ଚାହିଦା ମେଣ୍ଟାଇବା




ପାଇଁ ପ୍ରସ୍ତୁତ କରାଯିବ । ପର୍ଯ୍ୟଟନ ଭଳି ଅଣ ପ୍ରତିରକ୍ଷା କ୍ଷେତ୍ରରେ ଏଗୁଡ଼ିକୁ ବିନିଯୋଗ କରାଯିବ । ତେବେ ଏଥିପାଇଁ କଂପାନିକୁ ବେସାମରିକ ମନ୍ତ୍ରଣାଳୟର ଅନୁମତି ମିଳି ସାରିଥିଲେ ମଧ୍ୟ, କଂପାନି ଆବଶ୍ୟକ ପ୍ରମାଣପତ୍ର ଅପେକ୍ଷାରେ ରହିଛି । ଆସନ୍ତା ଦୁଇ ବର୍ଷ ମଧ୍ୟରେ ଏହି ପ୍ରମାଣପତ୍ର ମିଳିବା ଆଶା ଥିବା କଂପାନି ପକ୍ଷରୁ ପ୍ରକାଶ କରାଯାଇଛି । ସୂଚନାଯୋଗ୍ୟ, ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଭାରତ ସରକାରଙ୍କ ଏୟାର୍କ୍ରାଫ୍ଟ ନିର୍ମାଣକାରୀ ସଂସ୍ଥା 'ହାଲ୍' ୧୯୮୩ ମସିହାରୁ ପ୍ରତିରକ୍ଷା ଆବଶ୍ୟକତା ପୂରଣ ପାଇଁ ଡ୍ରୋନିଅର୍-୨୨୮ ଏୟାର୍କ୍ରାଫ୍ଟ ସମେତ ବିଭିନ୍ନ ଏୟାର୍କ୍ରାଫ୍ଟ ନିର୍ମାଣ କରି ଯୋଗାଉଛି । ତେବେ ଏହାର ଏକ ଭାରିଆଣ୍ଟ ଭାବେ ହିନ୍ଦୁସ୍ତାନ-୨୨୮ ସି-ପ୍ଲେନ୍ ନିର୍ମାଣ କରିବାକୁ କଂପାନି ନିଷ୍ପତ୍ତି ନେଇଛି, ଯାହାକି ପ୍ରତିରକ୍ଷା କ୍ଷେତ୍ର ବାହାରେ ସାଧାରଣ ଯାତ୍ରୀଙ୍କ ପାଇଁ ବ୍ୟବହୃତ ହେବ । ସି-ପ୍ଲେନଗୁଡ଼ିକ ବିଶେଷକରି ପର୍ଯ୍ୟଟନ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ । ହାଲ୍ ପକ୍ଷରୁ ନିର୍ମିତ ହେବାକୁ ଥିବା ଏହି ସି-ପ୍ଲେନ୍ ଦେଶ ଭିତରେ ପର୍ଯ୍ୟଟନ କ୍ଷେତ୍ରରେ ଚାହିଦା ମେଣ୍ଟାଇବା ସହିତ ମାଲେସିଆ ଓ ମରିସସ୍ ଭଳି ଦେଶରେ ଆଦୃତ ହୋଇ ପାରିବେ ବୋଲି କଂପାନି ପକ୍ଷରୁ ପ୍ରକାଶ କରାଯାଇଛି । ଏହା ସହିତ ଉଭୟ ଜଳ ଓ ସ୍ଥଳଭାଗରେ ଅବତରଣ କରି ପାରୁଥିବା ଏୟାରକ୍ରାଫ୍ଟ ବିକାଶ ପାଇଁ ହାଲ୍ ଲକ୍ଷ୍ୟ ରଖିଛି। ସି-ପ୍ଲେନ୍ ପ୍ରସ୍ତୁତି ପାଇଁ ସରକାର ସଂସ୍ଥାମାନଙ୍କୁ ଆର୍ଥିକ ସହାୟତା (ଭାୟବିଲିଟି ଗ୍ୟାପ୍ ଫଣ୍ଡ) ଯୋଗାଇ ଦେବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ପାଇଁ ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟରେ ଘୋଷଣା କରିଥିଲେ ।



# ଗେଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ଭୁବନେଶ୍ୱରରେ ରାଲି ମାଧ୍ୟମରେ ଉଚ୍ଚ ସିଏନଜି ମାଇଲେଜ ପ୍ରଦର୍ଶିତ

**ଭୁବନେଶ୍ୱର, ୧୬।୨ (ନି.ପ୍ର):** ଗେଲ୍ (ଇଣ୍ଡିଆ) ଲିମିଟେଡ ପକ୍ଷରୁ ନ୍ୟାଶନାଲ ପିଏନଜି ଡ୍ରାଇଭ ୨.୦ ଅଧିନରେ ଭୁବନେଶ୍ୱରରେ ଏକ ସିଏନଜି ପ୍ରମୋସନ ଇଭେଂଟର ଆୟୋଜନ କରାଯାଇଛି । ଏକ ବାସ୍ତବ-ଦୁନିଆର ଚାଳନା ଅନୁଭୂତି ମାଧ୍ୟମରେ କମ୍ପ୍ରେସ୍ଡ ନାଚୁରାଲ ଗ୍ୟାସ (ସିଏନଜି)ର କାର୍ଯ୍ୟଦକ୍ଷତା ଓ ଇନ୍ଧନ ଦକ୍ଷତା ଲାଭଗୁଡିକୁ ପ୍ରଦର୍ଶିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି । ଏହି କାର୍ଯ୍ୟକ୍ରମର ଅଂଶ ଭାବେ ଭୁବନେଶ୍ୱର-କଟକ-ଭୁବନେଶ୍ୱର ରୁଟକୁ କଭର କରୁଥିବା ଏକ ରାଲିରେ ପ୍ରାୟ ୫୦ଟି ସିଏନଜି ଯାନ ଅଂଶଗ୍ରହଣ କରିଛନ୍ତି। ସମଗ୍ର ଟ୍ରିପ ପାଇଁ ଇନ୍ଧନ ସହାୟତା ଦିଆଯିବା ସହିତ ଏହି ରାଲି ସୁଗମତାର ସହ ପରିଚାଳିତ ହୋଇଥିଲା। ଉତ୍ସାହୀ ଅଂଶଗ୍ରହଣକାରୀମାନେ ସ୍ୱଚ୍ଛ ଓ ଅଧିକ ସୁଲଭ ଇନ୍ଧନ ବିକଳ୍ପଗୁଡିକ ପାଇଁ ବଢୁଥିବା ଉପଭୋକ୍ତା ଆଗ୍ରହକୁ ପ୍ରତିଫଳନ କରିଛି ।

ରାଲି ସମୟରେ ପ୍ରକୃତ ଅନ୍-ରୋଡ ପ୍ରଦର୍ଶନକୁ ମୂଲ୍ୟାୟନ କରିବା ପାଇଁ ଯାନଗୁଡ଼ିକର ମାଇଲେଜକୁ ଭଲ ଭାବରେ ତଦାରଖ କରାଯାଇଥିଲା ଏବଂ ସର୍ବାଧିକ ମାଇଲେଜ ହାସଲ କରିଥିବା ୩ ଜଣ ଡ୍ରାଇଭରଙ୍କୁ କାର୍ଯ୍ୟକ୍ରମ ଶେଷରେ ସମ୍ମାନିତ କରାଯାଇଛି। ସିଏନଜି-ପରିଚାଳିତ ଟୁର ଭାରିଆଂଟ ଯାନ ପ୍ରତି କିଲୋଗ୍ରାମ ପିଛା ୩୫ କିଲୋମିଟରରୁ ଅଧିକ ମାଇଲେଜ ପ୍ରଦାନ କରିପାରୁଛନ୍ତି ବୋଲି ପ୍ରଦର୍ଶିତ କରିବା ଏହି ରାଲିର ଉଦ୍ଦେଶ୍ୟ ରହିଥିଲା । ରାଲିରେ ଶୀର୍ଷ ପ୍ରଦର୍ଶନକାରୀ ଚାଳକମାନେ ପ୍ରତି କିଲୋଗ୍ରାମ ସିଏନଜି ପିଛା ପ୍ରାୟ ୪୦ କିଲୋମିଟରର ମାଇଲେଜ ରେକର୍ଡ କରିବା ପରେ ଏହି ରାଲିର ଫଳାଫଳ ସେହି ଉଦ୍ଦେଶ୍ୟକୁ ବୈଧ କରିଥିଲା। ଏହି କାର୍ଯ୍ୟକ୍ରମ ସଫଳତାର ସହିତ ଏକ ସ୍ଥାୟୀ ଓ ମୂଲ୍ୟସାପେକ୍ଷ ଅଟୋମୋଟିଭ ଇନ୍ଧନ ଭାବେ ସିଏନଜିର ଦକ୍ଷତା ଓ କାର୍ଯ୍ୟକ୍ଷମତାକୁ ହାଇଲାଇଟ କରିଛି, ଯାହା ସ୍ୱଚ୍ଛ ଶକ୍ତି ସମାଧାନଗୁଡିକୁ ପ୍ରୋତ୍ସାହିତ କରିବା ପ୍ରତି ଗେଲ୍ (ଇଣ୍ଡିଆ) ଲିମିଟେଡର ପ୍ରତିବଦ୍ଧତାକୁ ସୁଦୃଢ କରିଛି।

# ଅନ୍ନପୂର୍ଣ୍ଣା ଗ୍ରୁପ ପକ୍ଷରୁ ଅନ୍ନପୂର୍ଣ୍ଣା ଗାଈ ଘିଅର ଔପଚାରିକ ଶୁଭାରମ୍ଭ

**ଭୁବନେଶ୍ୱର, ୧୬।୨ (ନି.ପ୍ର):** ସାତ ଦଶନ୍ଧିରୁ ଅଧିକ ସମୟର ଏକ ବିରାସତ ଉପରେ ନିର୍ମିତ ଉତରପୂର୍ବାଂଚଳର ପ୍ରତିଷ୍ଠିତ ଘରୋଇ ଏଫଏମସିଜି କମ୍ପାନୀ, ଅନ୍ନପୂର୍ଣ୍ଣା ଗ୍ରୁପ ଉତରପ୍ରଦେଶ, ଦିଲ୍ଲୀ-ଏନସିଆର, ବିହାର, ଝାଡ଼ଖଣ୍ଡ ଓ ଓଡିଶା ସମେତ ଉତର ଓ ପୂର୍ବ ଭାରତୀୟ ବଜାରଗୁଡିକରେ ଏହାର ଫ୍ଲାଗସିପ ପ୍ରଡକ୍ଟ ଅନ୍ନପୂର୍ଣ୍ଣା ଗାଈ ଘିଅର ଶୁଭାରମ୍ଭ କରିଛି । ଏହି ରଣନୈତିକ ପଦକ୍ଷେପ ଅନ୍ନପୂର୍ଣ୍ଣା ଗ୍ରୁପର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରିଛି କାରଣ ଏହା ଉଚ୍ଚ-ସମ୍ଭାବନାପୂର୍ଣ୍ଣ ଉପଯୋଗ ବଜାର ଭାବେ ଉଭା ହେଉଥିବା ଅଂଚଳଗୁଡିକରେ ନିଜର ଉପସ୍ଥିତି ସୁଦୃଢ କରୁଛି । ଅନ୍ନପୂର୍ଣ୍ଣା ଗାଈ ଘିଅକୁ ଏହାର ସମୃଦ୍ଧ ସୁଗନ୍ଧ, ପ୍ରକୃତ ସ୍ୱାଦ ଓ ପ୍ରାକୃତିକ ଉତମତାକୁ ସଂରକ୍ଷିତ ରଖିବା ପାଇଁ ଆଧୁନିକ ଟେକ୍ନୋଲୋଜି ସହ ପାରମ୍ପରିକ ପଦ୍ଧତିଗୁଡିକୁ ଏକତ୍ରିତ କରି ଯତ୍ନର ସହିତ ପ୍ରସ୍ତୁତ କରାଯାଉଛି । ପୂର୍ବାଂଚଳ ଭାରତରେ ଏକ ସୁପରିଚିତ ନାମରେ ପରିଣତ ହୋଇଥିବା ଏହି ଘିଅ ଶୁଦ୍ଧତା ଓ ଗୁଣବତା ପ୍ରଦାନ କରିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତାର ପ୍ରତିନିଧିତ୍ୱ କରୁଛି । ଏହି ସମ୍ପ୍ରସାରଣ ସହିତ ଅନ୍ନପୂର୍ଣ୍ଣା ନିଜର ଦୈନନ୍ଦିନ ରୋଷେଇ ଓ ପାର୍ବଣ ପରମ୍ପରାର ଅଂଶ ଭାବେ ପ୍ରାମାଣିକ ଓ ଅପମିଶ୍ରିତ ହୋଇନଥିବା ଘିଅ ଖୋଜୁଥିବା ଅଧିକରୁ ଅଧିକ ପରିବାର ନିକଟରେ ପହଂଚିବାକୁ ଲକ୍ଷ୍ୟ ରଖିଛି । ଏହି ଶୁଭାରମ୍ଭ ସମ୍ପର୍କରେ ଅନ୍ନପୂର୍ଣ୍ଣା ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ସୁବୀର ଘୋଷ କହିଛନ୍ତି, 'ଶୁଦ୍ଧତା ସବୁବେଳେ ଅନ୍ନପୂର୍ଣ୍ଣାର ମୂଳଦୁଆ ରହିଆସିଛି । ଅନ୍ନପୂର୍ଣ୍ଣା ଗାଈ ଘିଅ ଭାରତୀୟ ଘରଗୁଡିକ ପାଇଁ ପ୍ରାମାଣିକ ଓ ସାମଗ୍ରିକ ଖାଦ୍ୟ ଆଣିବା ପାଇଁ ଆମର ଦର୍ଶନର ଏକ ପ୍ରତିଫଳନ ଅଟେ। ଏଭଳି ଆଂଚଳିକ ବଜାରଗୁଡିକରେ ଆମର ପ୍ରବେଶ, ଉଚ୍ଚ-ଅଭିବୃଦ୍ଧିଶୀଳ ବଜାରଗୁଡିକରେ ଆମର ଉପସ୍ଥିତିକୁ ସୁଦୃଢ କରିବା ପାଇଁ ଏକ କେନ୍ଦ୍ରିତ ରଣନୀତିର ଅଂଶ ଅଟେ। ଆମେ ନିଶ୍ଚିତ ଯେ, ଏହି ରାଜ୍ୟଗୁଡିକର ଉପଭୋକ୍ତାମାନେ ଏହାର ଗୁଣବତା, ସ୍ୱାଦ ଓ ବିଶ୍ୱାସ ମୂଲ୍ୟବୋଧ ପାଇଁ ଅନ୍ନପୂର୍ଣ୍ଣା ଗାଈ ଘିଅକୁ ଗ୍ରହଣ କରିବେ । ୧୯୫୨ ମସିହାରୁ ଅନ୍ନପୂର୍ଣ୍ଣା ଗ୍ରୁପ ଶୁଦ୍ଧତା, ବିଶ୍ୱାସ ଓ ଗୁଣବତାର ସମାର୍ଥକ ରହିଆସିଛି । ବିଗତ ବର୍ଷଗୁଡିକରେ ଏହା ଖାଦ୍ୟ, ଦୁଗ୍ଧ, ମୃଦୁ ପାନୀୟ ଓ ଖାଇବା ତେଲ ସମେତ ଏକ ବିବିଧ ପୋର୍ଟଫୋଲିଓ ସହ ଲକ୍ଷ ଲକ୍ଷ ପରିବାରକୁ ସେବା ପ୍ରଦାନ କରିଛି । ଏହି ଗ୍ରୁପ ବର୍ତମାନ ଉତର ଓ ପୂର୍ବ ଭାରତରେ ନୂଆ ଉପଭୋକ୍ତାଙ୍କ ପାଇଁ ଏହାର ସିଗ୍ନେଚର ଅନ୍ନପୂର୍ଣ୍ଣା ଗାଈ ଘିଅ ଆଣିଛି, ଯାହା ପ୍ରତ୍ୟେକ ପରିବାର ପାଇଁ ଶୁଦ୍ଧ ଓ ପୋଷଣଯୁକ୍ତ ଉତ୍ପାଦଗୁଡିକୁ ଉପଲବ୍ଧ କରାଇବାର ଏହାର ଦୃଷ୍ଟିକୋଣକୁ ମଜବୁତ କରିଛି । କମ୍ପାନୀ ବ୍ୟାପକ ବଜାର ଉପଲବ୍ଧତା ଓ ଦ୍ରୁତ ଉପଭୋକ୍ତା ପହଂଚ ସୁନିଶ୍ଚିତ କରିବା ପାଇଁ ଜେନେରାଲ ଟ୍ରେଡ, ମଡର୍ଣ୍ଣ ଟ୍ରେଡ ସମେତ ଏକାଧିକ ବଜାର ଏବଂ କ୍ୱିକ୍-କମର୍ସ ଭଳି ନୂତନ ଯୁଗର ମାଧ୍ୟମଗୁଡିକରେ ନିଜର ବିତରଣ ନେଟୱାର୍କକୁ ଶକ୍ତିଶାଳୀ କରିଛି । ଏହି ଲଂଚ ଅନ୍ନପୂର୍ଣ୍ଣାର ଆଇକୋନିକ କାଓ (ଗାଈ) ମାସ୍କଟ ଦ୍ୱାରା ପରିଚାଳିତ ଏକ ମାର୍କେଟିଂ କ୍ୟାମ୍ପେନ ଦ୍ୱାରା ସମର୍ଥିତ ଅଟେ ।

ଅନ୍ନପୂର୍ଣ୍ଣା ବିଶ୍ୱାସ କରେ ଯେ, ଗାଈମାନଙ୍କୁ ଉତମ ଖାଦ୍ୟ, ଉତମ ପୋଷଣ ଦିଆଗଲେ ଓ ସେମାନଙ୍କର ଦାୟିତ୍ୱପୂର୍ଣ୍ଣ ଭାବେ ଯତ୍ନ ନିଆଗଲେ, ଶୁଦ୍ଧ ଓ ଉଚ୍ଚମାନର ଘିଅ ମିଳିପାରିବ । ଏହି ବିଶ୍ୱାସକୁ ବ୍ରାଣ୍ଡର ବିଚାରଧାରା 'ସୁପର କାଓ ସେ ବନା ସୁପର ଘି'ରେ କ୍ୟାପ୍‌ଚର କରାଯାଇଛି । ପ୍ରମୁଖ ଆଂଚଳିକ ବଜାରଗୁଡିକରେ ଏହି ଲଂଚ ସହିତ ବାଣିଜ୍ୟ ସକ୍ରିୟକରଣ ଓ ଉପଭୋକ୍ତା ସମ୍ପର୍କ କାର୍ଯ୍ୟକ୍ରମଗୁଡିକୁ ଆରମ୍ଭ କରାଯିବ ।

# ହୃଦଘାତରେ ବରିଷ୍ଠ ସାମ୍ବାଦିକ ବାସୁଦେବ ରାଉଳଙ୍କ ପରଲୋକ

**ଜଳେଶ୍ୱର, ୧୬।୨ (ନି.ପ୍ର):** ପ୍ରେସ-ଇମ୍ପ୍ରେସ ମିଡିଆ। କ୍ଲବର ଉପସଭାପତି ସାମ୍ବାଦିକ ବାସୁଦେବ ରାଉଳ(୬୧)ଙ୍କର ହୃଦଘାତରେ ସୋମବାର ପରଲୋକ ହୋଇଛି। ବାଲେଶ୍ୱର ସହରର ଟୁଲଙ୍କସାହି ସ୍ଥିତ ବାସଭବନରେ ଥିବାବେଳେ ଆଜି ଅପରାହ୍ନ ପ୍ରାୟ ୪ଟା ୪୫ବେଳେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଧୀରେ ଧୀରେ ଯନ୍ତ୍ରଣା ବଢ଼ିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଥିଲେ। ଡାକ୍ତର ଚିକିତ୍ସା ଆରମ୍ଭ କରିବାର ସ୍ୱଳ୍ପ ସମୟ ମଧ୍ୟରେ ତାଙ୍କର ପରଲୋକ ହୋଇଯାଇଥିଲା। ପୂର୍ବରୁ ଏକାଧିକ ରୋଗ ପାଇଁ ହୋଇ ଖାଇଥିବା ଔଷଧର ପ୍ରତିକ୍ରିୟା ସ୍ୱରୂପ ହୃଦଘାତରେ ତାଙ୍କର ଜୀବନ ଯାଇଥିବା ପ୍ରାଥମିକ ପରୀକ୍ଷାରୁ ଡାକ୍ତର ଜାଣିବାକୁ ପାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଅହଲ୍ୟା ରାଉଳ, ପୁତ୍ର ଶିବ ଶଙ୍କର, ପତ୍ରବୋଧୂ ପୁଷ୍ପଲତା, କନ୍ୟା ବର୍ଷାରାଣୀ ମଲ୍ଲିକ ଓ ତିଲୋତ୍ତମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମୃତ୍ୟୁ ଖବର ପାଇ ଦେବବ୍ରତ ପାଣିଗ୍ରାହୀ, ଉଜ୍ଜ୍ୱଳ ଚନ୍ଦ୍ର କର, ଗଙ୍ଗାଧର ରାଉତ, ସନ୍ଦୀପ୍ତ ଦାସ, ଗଗନ ସେଠୀ, ମହେଶ୍ୱର ପ୍ରଧାନ, ଗଦାଧର କର, ସୁଶାନ୍ତ ଦାସ, ଶରତ ସାମଲଙ୍କ ସମେତ ବାଲେଶ୍ୱରର ବହୁ ସାମ୍ବାଦିକ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେହିଭଳି ଟୁଲଙ୍କସାହି ଘରେ ମୃତ ଶରୀର ପହଞ୍ଚିବା ପରେ ଜ୍ଞାତି କୁଟୁମ୍ବ ଓ ସମ୍ପର୍କୀୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଉତ୍ତର ବାଲେଶ୍ୱର ସଂଯୋଜକ ସୁକୁମାର ରଣା, ବରିଷ୍ଠ ସାମ୍ବାଦିକ ଆରତୀ ଦାସ, ଦିଲୀପ ଦାସ, ସ୍ୱରିତ ସ୍ୱପନ ପଣ୍ଡା, ରାଧାକାନ୍ତ ପ୍ରଧାନ ପ୍ରମୁଖ ବହୁ ଗଣ ମାଧ୍ୟମ ପ୍ରତିନିଧି ସ୍ୱର୍ଗତ ରାଉଳଙ୍କ ଆକସ୍ମିକ ବିୟୋଗ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବିଜୁଳି ବିଲ୍ ଚିନ୍ତାରୁ ମୁକ୍ତି ଦେଉଛି ପିଏମ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା

**ବାଲେଶ୍ୱର, ୧୬/୨ (ନି.ପ୍ର):** ବିଜୁଳି ବିଲ୍ ଚିନ୍ତାରୁ ମୁକ୍ତି ଦେଉଛି ସରକାରଙ୍କ ପିଏମ ସୂର୍ଯ୍ୟଘର ମୁଫ୍ଟ ବିଜୁଳି ଯୋଜନା। ଏହି ଯୋଜନାରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତମାନେ ନିଜର ବିଜୁଳି ବିଲ୍ ରେ ଆଶାତୀତ ହ୍ରାସ କରିବାରେ ସଫଳ ହୋଇଛନ୍ତି। ଅନେକ ବିଜୁଳି ଉପଭୋକ୍ତାଙ୍କ ଘରର ବିଦ୍ୟୁ ବ୍ୟବହାର ପାଇଁ ଶୂନ୍ୟ ୟୁନିଟ ବିଲିଂ ମଧ୍ୟ ହୋଇଥିବା ଦେଖିବାକୁ ମିଳିଛିୟ ସାଧାରଣତଃ ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲକୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ ହେଁ ଏବେ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସାଜିଛି।



ସବୁଜ ତଥା ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍), ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ତ୍ୱରାନ୍ୱିତ କରିଛି। ୧-କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ସ୍ୱଚ୍ଛ, ଭରସାଯୋଗ୍ୟ ଓ କମ୍ ଖର୍ଚ୍ଚରେ ବିଜୁଳି ଯୋଗାଇବା ସହିତ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସୌର ପ୍ୟାନେଲ ସ୍ଥାପନା ସୁନିଶ୍ଚିତ କରିବା ଏହି ପ୍ରୟାସର ଉଦ୍ଦେଶ୍ୟ। ଏହି କ୍ରମରେ ଏଯାବତ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୪,୬୫୧ ଜଣ ଉପଭୋକ୍ତା ନିଜ ଘରେ ୟୁଏଲ୍ଏ ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନ କରିଥିବା ବେଳେ ବିଗତ ମାସରେ ୪୬୧ ଜଣଙ୍କ ଘରେ ମାସିକ ବିଦ୍ୟୁତ ବିଲ୍ ଶୂନ ୟୁନିଟ ଆସିଥିଲା, ଯାହାକୁ ନେଇ ସେମାନେ ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟ ଉପଭୋକ୍ତାଙ୍କ ବିଲିଂରେ ମଧ୍ୟ ବେଶ୍ ହ୍ରାସ ଘଟିଥିବା ଦେଖିବାକୁ ମିଳିଛି।

ପିଏମ ସୂର୍ଯ୍ୟଘର ମୁଫ୍ଟ ବିଜୁଳି ଯୋଜନା ଅଧିନରେ ୩କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ସ୍ଥାପନ କରୁଥିବା ଉପଭୋକ୍ତାଙ୍କ ବିଜୁଳି ବିଲ୍ ରେ ମଧ୍ୟ ବେଶ୍ ହ୍ରାସ ଦେଖିବାକୁ ମିଳିଛି। ଟିପିଏନଓଡ଼ିଏଲ ଅନ୍ତର୍ଗତ ୫ଜିଲ୍ଲାରେ ୬,୮୪୯ଜଣ ଉପଭୋକ୍ତା ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରିଥିବାବେଳେ ୨,୮୧୨ ଜଣ ଉପଭୋକ୍ତାଙ୍କ ଘରେ ମାସିକ ବିଦ୍ୟୁତ ବିଲ୍ ଶୂନ ୟୁନିଟ ଆସିଛି। ଅଧିକାଂଶ ଉପଭୋକ୍ତାଙ୍କର ପୂର୍ବରୁ ୧୦୦୦ରୁ ୧୫୦୦ଟଙ୍କା ମଧ୍ୟରେ ଆସୁଥିବା ବିଦ୍ୟୁତ ବିଲ୍ ଏବେ ୨୦୦ ରୁ ୩୦୦ ଟଙ୍କା ମଧ୍ୟରେ ଆସୁଥିବା ସେମାନେ କହିଛନ୍ତି।

ଏ ସମ୍ପର୍କରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଗଜାନନ କାଲେ କହିଛନ୍ତି ଯେ, ଟିପିଏନଓଡ଼ିଏଲ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ତଥା ଗୁଣାତ୍ମକ ବିଜୁଳି ଯୋଗାଇବା ନେଇ ସର୍ବଦା କାର୍ଯ୍ୟରତ ରହିଛି ଓ କେନ୍ଦ୍ର ସରକାରଙ୍କ ପିଏମ ସୂର୍ଯ୍ୟଘର ଯୋଜନା ଓ ୟୁଏଲଏ ମଡେଲ ଅଧୀନରେ ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ସ୍ୱଚ୍ଛ, ନିର୍ଭରଯୋଗ୍ୟ ତଥା କମ ଖର୍ଚ୍ଚରେ ଗୁଣାତ୍ମକ ବିଦ୍ୟୁତ ପାଇପାରିବେ ଓ ଏ ଦିଗରେ ଟିପିଏନଓଡ଼ିଏଲ ଯତ୍ନଶୀଳ ଥିବା ସେ ଦର୍ଶାଇଛନ୍ତି।

ସେହିପରି ମୟୂରଭଞ୍ଜ ବେତନଟୀ ଅଞ୍ଚଳର ପ୍ରସନ୍ନ କୁମାର ସାହୁ କହନ୍ତି ଯେ, ସେ ବିଗତ ଦୁଇ ମାସ ହେବ ୧-କିଲୋୱାଟର ସୋଲାର ପ୍ୟାନେଲ ଘରେ ସ୍ଥାପନ କରିଛନ୍ତି। ଦୁଇ ମାସ ହେଲା ବିଦ୍ୟୁତ ଦେୟ ବାବଦକୁ ବିଲିଂ ବି ଶୂନ୍ୟ ହୋଇଛି। ଏହି ଯୋଜନା ତାଙ୍କ ପାଇଁ ବେଶ୍ ସହାୟକ ହୋଇଥିବା ସେ କହିଛନ୍ତି। ପିଏମ ସୂର୍ଯ୍ୟଘର ଯୋଜନାରେ ୩କିଲୋୱାଟ ସୋଲାର ବ୍ୟବସ୍ଥା ସ୍ଥାପନ କରିଥିବା କେନ୍ଦୁଝର ଘଟଗାଁ ଅଞ୍ଚଳର ସବିତା ପଲେଇ କହିଛନ୍ତି ଯେ, ପୂର୍ବରୁ ମାସକୁ ୧୨୦୦/୧୫୦୦ ଆସୁଥିବା ବିଦ୍ୟୁ ବିଲ୍ ଏବେ ୧୫୦ରୁ ୨୦୦ଟଙ୍କାକୁ ଖସିଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ପିଏମ ସୂର୍ଯ୍ୟଘର ଯୋଜନାର ଲାଭ ଉଠାଇବା ଖୁବ୍ ସହଜ ଓ ସୁବିଧାଜନକ। ଘରେ କଂକ୍ରିଟ ଛାତ ଥିବା ଓ କୌଣସି ବିଦ୍ୟୁ ବିଲ୍ ବକେୟା ନ ଥିବା ଉପଭୋକ୍ତା ଏହି ଯୋଜନାର ଲାଭ ଉଠାଇ ପାରିବେ ଓ ନିଜର ବିଦ୍ୟୁ ବିଲରେ ଆଶାତୀତ ସଞ୍ଚୟ କରି ପାରିବେ। ଏ ବିଷୟରେ ଅଧିକ ଜାଣିବା ପାଇଁ ଉପଭୋକ୍ତାଙ୍କୁ ନିକଟସ୍ଥ ଟିପିଏନଓଡ଼ିଏଲ କାର୍ଯ୍ୟଓଳୟ ଅଥବା ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିବାପାଇଁ ଟିପିଏନଓଡ଼ିଏଲ ପକ୍ଷରୁ ଦର୍ଶାଯାଇଛି।

# ମାଇକ୍ରୋଫାଇନାନ୍ସ ଜରିଆରେ ସ୍ଥିରତା

## ଓଡ଼ିଶାରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି ମିଡଲ୍ୟାଣ୍ଡ ମାଇକ୍ରୋଫିନ ଲିମିଟେଡ

**ଭୁବନେଶ୍ୱର, ୧୬।୨ (ନି.ପ୍ର) :** ଓଡ଼ିଶାରେ କ୍ଷୁଦ୍ର ବ୍ୟବସାୟରେ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ବେଳେ ରାଜ୍ୟରେ ଋଣ ଚାହିଦା ଜାତୀୟ ହାରଠାରୁ ଅଧିକ ହୋଇଛି। ରାଜ୍ୟରେ ତୃଣମୂଳ ସ୍ତର ଉଦ୍ୟମିତାରେ ହୋଇଥିବା ବୃଦ୍ଧିକୁ ଏହା ପ୍ରତିଫଳିତ କରୁଛି ଯାହା ସମ୍ପର୍କରେ ସିଆରଆଇଏଫ ହାଇ ମାର୍କ ଓ ଏସଆଇଡିବିଆଇ ପକ୍ଷରୁ ପ୍ରସ୍ତୁତ ସ୍ମଲ ବିଜନେସ ସ୍ପଟଲାଇଟ ରିପୋର୍ଟରେ ଆଲୋକପାତ କରାଯାଇଛି। ଏହି ଧାରା ଓଡ଼ିଶାରେ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଜୀବିକାରେ ସ୍ଥିରତା ଆଣିବା ଓ ଦୀର୍ଘକାଳୀନ ଆର୍ଥିକ ସହନଶୀଳତା ଗଠନ କରିବାରେ ମାଇକ୍ରୋଫାଇନାନ୍ସର ସମଯୋପଯୋଗୀ ଓ ଦାୟିତ୍ୱବାନ ଭୂମିକାକୁ ଦର୍ଶାଉଛି।



ତୃଣମୂଳ ସ୍ତରରେ ଅନଗ୍ରସର ସମୁଦାୟକୁ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ ଥିବା ମିଡଲ୍ୟାଣ୍ଡ ମାଇକ୍ରୋଫିନ ଲିମିଟେଡ ସୁଲଭ ଋଣ ପହଂଚାଇବା ଜାରି ରଖିଥିବା ବେଳେ ଲୋକମାନଙ୍କୁ ଦକ୍ଷତାକୁ ସ୍ଥାୟୀ ରୋଜଗାରରେ ପରିଣତ କରିବାରେ ସକ୍ଷମ କରୁଛି। ଭୁବନେଶ୍ୱରରେ କମଳା ସାହୁଙ୍କ ଯାତ୍ରା ସେହି ପ୍ରଭାବକୁ ପ୍ରତିଫଳିତ କରୁଛି। ବହୁ ବର୍ଷର ଅଭିଜ୍ଞତା ଥିବା ଜଣେ ତାଲିମପ୍ରାପ୍ତ ଦରଜୀ ଭାବେ କମଳାଙ୍କ ପାଖରେ ବ୍ୟବସାୟ ବଢ଼ାଇବାର ଦକ୍ଷତା ଥିଲା, କିନ୍ତୁ ନିଜ ଦୋକାନ ଓ ବ୍ୟବସାୟକୁ ବଢ଼ାଇବାରେ ନିବେଶ କରିବାରେ ତାଙ୍କ କ୍ଷମତା ସ୍ୱଳ୍ପ ପୁଞ୍ଜି କାରଣରୁ ସୀମିତ ଥିଲା। ମିଡଲ୍ୟାଣ୍ଡ ମାଇକ୍ରୋଫିନ ଲିମିଟେଡ ପାଖରେ ପହଂଚିବା ପରେ ତାଙ୍କୁ ୪୦ହଜାର ଟଙ୍କାର ଋଣ ମିଳିଥିଲା ଯାହା ତାଙ୍କୁ ଆବଶ୍ୟକ ଉପକରଣ କିଣିବା ଏବଂ ନିଜ ସିଲାଇ ୟୁନିଟର ଦୈନନ୍ଦୀନ ପରିଚାଳନାକୁ ସୁଦୃଢ଼ କରିବାରେ ସହାୟକ ହୋଇଥିଲା।

ଅଧିକ ନଗଦ ରାଶି ସୃଷ୍ଟି ହେବା ଓ ଆକଳନକାରୀ ଆୟ ସହ କମଳା ଅଧିକ ସ୍ଥିର ଭାବେ ପରିବାର ଫାଇନାନ୍ସକୁ ଯୋଗଦାନ ଦେଇଥିଲେ ଯାହା ସାମଗ୍ରିକ ଭାବେ ଆର୍ଥିକ ସୁରକ୍ଷାରେ ଉନ୍ନତି ଆଣିଥିଲା। ସେହି ସ୍ଥିରତା ଜଣେ କ୍ଷୁଦ୍ର ବ୍ୟବସାୟୀ ଭାବେ ତାଙ୍କ ବିଶ୍ୱାସକୁ ଦୃଢ଼ କରିଥିବା ବେଳେ ଅଧିକ ନିଶ୍ଚିତତା ସହ ଭବିଷ୍ୟତ ଯୋଜନା କରିବାରେ ସକ୍ଷମ କରିଥିଲା। ନିଜ ଅଭିଜ୍ଞତା ସମ୍ପର୍କରେ କମଳା କହିଛନ୍ତି ଯେ, 'ସେହି ଋଣ ମୋ ସିଲାଇ କାମକୁ ସମ୍ପ୍ରସାରଣ କରିବା ଓ ଅଧିକ ସ୍ଥିର ଆୟ କରିବାରେ ସହାୟକ ହୋଇଥିଲା। ଏହା ମୋ କାମ ଏବଂ ମୋ ପରିବାରର ସ୍ଥିରତାରେ ବାସ୍ତବ ପରିବର୍ତ୍ତନ ଆଣିଥିଲା। କ୍ଷୁଦ୍ର ଉଦ୍ୟୋଗକୁ ସମର୍ଥନ କରିବା ଓ ସ୍ୱାବଲମ୍ବୀତାର ପ୍ରସାର କରିବାରେ ମାଇକ୍ରୋଫାଇନାନ୍ସର ଦାୟିତ୍ୱବାନ ଭୂମିକା ଉପରେ କମଳାଙ୍କ କାହାଣୀ ଆଲୋକପାତ କରୁଛି। ବର୍ତ୍ତମାନ ୧୭,୬୩୦ କୋଟି ଟଙ୍କାର ପୋର୍ଟଫୋଲିଓ ବକେୟା ସହ ଓଡ଼ିଶା ଭାରତରେ ଶ୍ରେଷ୍ଠ ୧୦ଟି ରାଜ୍ୟ ଭିତରେ ରହିଛି। ଠିକ ସମୟରେ ଋଣ ପ୍ରଦାନ କରି ଏବଂ ନିରନ୍ତର ଭାବେ ଯୋଡ଼ି ହୋଇ ମାଇକ୍ରୋଫାଇନାନ୍ସ ଅନୁଷ୍ଠାନଗୁଡ଼ିକ ଜୀବିକାକୁ ସୁଦୃଢ଼ କରିବା, ଉଦ୍ୟମିତାକୁ ଉତ୍ସାହିତ କରିବା ଏବଂ ରାଜ୍ୟର ବ୍ୟାପକ ଅର୍ଥନୈତିକ ପ୍ରଗତିରେ ଯୋଗଦାନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

# ନୁଭୋକୋ ପକ୍ଷରୁ ଭାରତର ପ୍ରଥମ ଟ୍ରିପଲ-ପ୍ରୋଟେକ୍ସନ ୱାଲ ପୁଟି 'ଜିରୋ ଏମ ଟ୍ରିପଲ ସିଲ୍ଡ ପୁଟି'ର ଶୁଭାରମ୍ଭ

**ଭୁବନେଶ୍ୱର, ୧୬।୨ (ନି.ପ୍ର) :** ଦେଶର ଅଗ୍ରଣୀ ୫ମ ସର୍ବବୃହତ ସିମେଂଟ କମ୍ପାନୀ ନୁଭୋକୋ ଭିଷ୍ଟାସ କର୍ପୋରେଶନ ଲିମିଟେଡ ପକ୍ଷରୁ ଏକ ପ୍ରିମିୟମ ହ୍ୱାଇଟ ସିମେଂଟ-ଆଧାରିତ ୱାଲ କେୟାର ସଲ୍ୟୁଶନ 'ନୁଭୋକୋ ଜିରୋ ଏମ ଟ୍ରିପଲ ସିଲ୍ଡ ପୁଟି'ର ଶୁଭାରମ୍ଭ କରାଯାଇଛି। ଯାହାକୁ ଗୋଟିଏ ସମାଧାନରେ ଆଂଟି-ମାଇକ୍ରୋବାୟାଲ, ୱାଟରପ୍ରୁଫିଙ୍ଗ ଓ ଆଂଟି-ଇଫ୍ଲୋରେସେନ୍ସ କାର୍ଯ୍ୟଦକ୍ଷତା ଭଳି ୩ଟି ଲାଭ ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଇଛି। ସିଲଭର ଆୟନ ଟେକ୍ନୋଲୋଜି ସହ ନିର୍ମିତ ଏହି ଉତ୍ପାଦ ଜୀବାଣୁ, ଫଙ୍ଗି ଓ ଶୈବାଳର ବୃଦ୍ଧିକୁ ପ୍ରତିରୋଧକରି ରକ୍ଷାକବଚ ଭଳି ସୁରକ୍ଷା ପ୍ରଦାନ କରିଥାଏ। ଏହାବ୍ୟତୀତ ଜର୍ମାନ ଆକ୍ଟିଭ ସାଇଲେନ୍ସ / ସାଇଲୋକ୍ସେନ୍ସ ସହ ଏହାର ଆଡ୍‌ଭାନ୍ସଡ ହାଇଡ୍ରୋଫୋବିକ ପଲିମର ଫର୍ମୁଲେଶନ ଆଦ୍ରତା ଓ ଫାଟ ପାଇଁ ଦୃଢ ପ୍ରତିରୋଧ ପ୍ରଦାନ କରିଥାଏ। ଏସମ୍ପର୍କରେ ନୁଭୋକୋ ଭିଷ୍ଟାସ କର୍ପୋରେଶନ ଲିଃର ମାର୍କେଟିଂ, ଇନୋଭେଶନ ଓ ସେଲ୍‌ସ ଏକ୍ସିଲେନ୍ସ ବିଭାଗର ମୁଖ୍ୟ, ଚିରାଗ ଶାହ କହିଛନ୍ତି, 'ନୁଭୋକୋରେ ଆମେ ନିରନ୍ତର ଅଭିନବ ଓ ସ୍ଥାୟୀ ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ ଯାହା ଘରର ସୁରକ୍ଷା ବଢାଇଥାଏ ଓ ଦୈନନ୍ଦିନ ଜୀବନକୁ ଉନ୍ନତ କରିଥାଏ। ନୁଭୋକୋ ଜିରୋ ଏମ ଟ୍ରିପଲ ସିଲ୍ଡ ପୁଟି ସହିତ ଆମେ ଏକ ଅତ୍ୟାଧୁନିକ ତ୍ରିସ୍ତରୀୟ ସୁରକ୍ଷା ପ୍ରଣାଳୀର ଶୁଭାରମ୍ଭ କରିଛି ଯାହା ଦୀର୍ଘସ୍ଥାୟୀ, ସୁସ୍ଥ ଓ ଉତମ ସୁରକ୍ଷିତ କାନ୍ଥ ନିଶ୍ଚିତ କରିଥାଏ। ଏହି ଶୁଭାରମ୍ଭ ଆମର ଗ୍ରାହକ-କେନ୍ଦ୍ରିତ ଆଭିମୁଖ୍ୟକୁ ପ୍ରତିଫଳନ କରୁଛି ଏବଂ ଏକ ସୁରକ୍ଷିତ, ସ୍ମାର୍ଟ ଓ ସ୍ଥାୟୀ ବିଶ୍ୱ ଗଠନ କରିବାର ଆମର ଦୃଷ୍ଟିକୋଣକୁ ମଜବୁତ କରିଛି। ନୁଭୋକୋ ଜିରୋ ଏମ ଟ୍ରିପଲ ସିଲ୍ଡ ପୁଟି ଉଭୟ ଘର ଭିତର ଓ ବାହ୍ୟ ପ୍ରୟୋଗ ପାଇଁ ଉପଯୁକ୍ତ ଅଟେ, ଯାହା ସିମେଂଟ-ଆଧାରିତ ପ୍ଲାଷ୍ଟର, କଂକ୍ରିଟ ଓ ମୋର୍ଟାର ଢାଞ୍ଚାଗୁଡିକ ପାଇଁ ଚମତ୍କାର ଆଡ଼େସନ ଦେଇଥାଏ। ଏହା ଆଡ୍‌ଭାନ୍ସଡ ହ୍ୱାଇଟନେସ୍ ସହ ୱାଲ ଫିନିସିଙ୍ଗକୁ ଉନ୍ନତ କରିଥାଏ ଏବଂ ସ୍ଥାୟୀ, ଦୀର୍ଘକାଳିନ ସୁରକ୍ଷା ପ୍ରଦାନ କରିଥାଏ। ଏହାଛଡା ଏହି ଉତ୍ପାଦକୁ ପରିବେଶ-ଅନୁକୂଳ, ଲୋ-ଭିଓସି ମ୍ୟାଟେରିଆଲର ବ୍ୟବହାର କରି ନିର୍ମାଣ କରାଯାଇଛି, ଯାହା ସ୍ଥାୟିତ୍ୱ ଏବଂ ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଘର ସୁରକ୍ଷା ସମାଧାନ ପ୍ରଦାନ କରିବା ପାଇଁ ନୁଭୋକୋର ପ୍ରତିବଦ୍ଧତାକୁ ସୁଦୃଢ କରିଛି। ଏହି ଉତ୍ପାଦକୁ ପାବ, ଦିଲ୍ଲୀ/ଏନସିଆର, ହରିଆନା, ଉତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ, ଓଡିଶା, ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ରରେ ଲଂଚ କରାଯାଇଛି। ଗ୍ରାହକମାନେ ଏହି ରାଜ୍ୟଗୁଡିକରେ ଅଥୋରାଇଜ୍ଡ ନୁଭୋକୋ ଡିଲର, ଡିଷ୍ଟ୍ରିବ୍ୟୁଟର ଓ ଅଗ୍ରଣୀ ରିଟେଲ ଆଉଟଲେଟ ମାଧ୍ୟମରେ ନୁଭୋକୋ ଜିରୋ ଏମ ଟ୍ରିପଲ ସିଲ୍ଡ ପୁଟି କ୍ରୟ କରିପାରିବେ।

# ଜିଓଏୟାରଫାଇବର ଦୁଇ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡିଛି : ଟ୍ରାଇ ତଥ୍ୟ

**ଭୁବନେଶ୍ୱର, ୧୬।୨ (ନି.ପ୍ର) :** ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ୨୦୨୫ ବର୍ଷରେ ଦୁଇ ଲକ୍ଷରୁ ଅଧିକ ନୂତନ ଜିଓଏୟାରଫାଇବର ଗ୍ରାହକ ଯୋଡିବା ସହିତ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଜିଓରେ ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ସେବା ଜିଓଏୟାରଫାଇବରର ଓଡିଶାରେ ମୋଟ ଗ୍ରାହକ ସଂଖ୍ୟା ୩.୩୪ ଲକ୍ଷ ଅତିକ୍ରମ କରିଛି। ଏଥିରେ ୨.୮୭ ଲକ୍ଷରୁ ଅଧିକ ୫ଜି ଏଫଡବ୍ଲ୍ୟୁଏ ଗ୍ରାହକ ଏବଂ ୪୬୦୦୦ରୁ ଅଧିକ ୟୁବିଆର ଏଫଡବ୍ଲ୍ୟୁଏ ଗ୍ରାହକ ରହିଛନ୍ତି। ଜିଓଏୟାରଫାଇବର ୨୦୨୫ ବର୍ଷରେ ଓଡ଼ିଶାରେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଚାରି ଗୁଣ ଅଧିକ ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ଗ୍ରାହକ ଯୋଡ଼ିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମୋଟ ଏଫଡବ୍ଲୁଏ ଗ୍ରାହକ ସଂଖ୍ୟା ଜାନୁଆରୀ ୨୦୨୫ରେ ପ୍ରାୟ ୧.୫ ଲକ୍ଷ ଥିଲା, ଯାହା ଡିସେମ୍ବର ୨୦୨୫ରେ ୪ ଲକ୍ଷ ଅତିକ୍ରମ କରିଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ-ସର୍ବପ୍ରଥମ ନୀତି ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗେଇ ନେଇ ଚାଲିଛି। ଜିଓଏୟାରଫାଇବର ଡିଜିଟାଲ୍ ବୈଷମ୍ୟକୁ ଦୂର କରିବା ସହ ଶେଷ ମାଇଲ୍ ଫାଇବର କନେକ୍ଟିଭିଟି ଚ୍ୟାଲେଞ୍ଜକୁ ଦୂର କରିବା ଏବଂ ସହର, ଉପକଣ୍ଠ ତଥା ଗ୍ରାମାଞ୍ଚଳରେ ଘର ଏବଂ ଛୋଟ ବ୍ୟବସାୟଗୁଡ଼ିକୁ ନିର୍ଭରଯୋଗ୍ୟ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ ସଂଯୋଗ ପ୍ରଦାନ କରିବାରେ ସଫଳ ହୋଇଛି। ଏହା ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ, ୮୦୦ ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ପ୍ରଦାନ ଜରିଆରେ ଡିଜିଟାଲ୍ ଯୁଗରେ ଛାତ୍ରଛାତ୍ରୀ, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରଗୁଡ଼ିକୁ ଉନ୍ନତି କରିବା ପାଇଁ ସଶକ୍ତ କରୁଛି। ଡିସେମ୍ବର ୨୦୨୫ ରେ ୨୬୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକଙ୍କୁ ଯୋଡିବା ସହିତ, ଜିଓ ଓଡ଼ିଶାରେ ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରିଛି। ଡିସେମ୍ବର ୩୧, ୨୦୨୫ ସୁଦ୍ଧା ରାଜ୍ୟରେ ଜିଓ ନେଟୱାର୍କରେ ମୋଟ ହୋମ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୬.୯୨ ଲକ୍ଷ ଅତିକ୍ରମ କରିଛି। କେବଳ ଜିଓଏୟାରଫାଇବର ରାଜ୍ୟରେ ଡିସେମ୍ବରରେ ପ୍ରାୟ ୨୦୦୦୦ ନୂତନ ଗ୍ରାହକ ଯୋଡିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜାତୀୟ ସ୍ତରରେ, ଜିଓ ସର୍ବାଧିକ ୮.୭ ଲକ୍ଷ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି, ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଦୁଇଗୁଣ ରହିଛି। ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଜିଓ ରାଜ୍ୟର ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ ସେବା କ୍ଷେତ୍ରରେ ଓଡ଼ିଶାର ସର୍ବାଧିକ ପସନ୍ଦର ତଥା ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ହୋଇଛି। ଏହାର ରାଜ୍ୟରେ ଏକ କୋଟି ୭୨ ଲକ୍ଷରୁ ଅଧିକ ମୋବାଇଲ୍ ଗ୍ରାହକ, ୩.୮୫ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୩.୩୪ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଛନ୍ତି, ଯାହା ସାରା ଓଡ଼ିଶାରେ ଜିଓର ବ୍ୟାପକ ୪ଜି ଏବଂ ୫ଜି ନେଟୱାର୍କ ଉପସ୍ଥିତି ଦ୍ୱାରା ସମ୍ଭବ ହୋଇଛି।

# ବେଦାନ୍ତ ଆଇଓଓ ପକ୍ଷରୁ ନୂତନ ଶ୍ରମ ସଂହିତା ଉପରେ ସଚେତନତା ଅଧିବେଶନ

**ଭୁବନେଶ୍ୱର, ୧୬।୨ (ନି.ପ୍ର):** ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା ଭୁବନେଶ୍ୱର ରିଜିଅନ-୨ ରେ ଏକ ଶ୍ରମ ସଂହିତା ସଚେତନତା ଅଧିବେଶନ ଆୟୋଜନ କରିଥିଲା, ଯାହାର ଲକ୍ଷ୍ୟ ସାମ୍ପ୍ରତିକ ଶ୍ରମ ଆଇନ ସଂଶୋଧନ ବିଷୟରେ ବୁଝାମଣାକୁ ସୁଦୃଢ଼ କରିବା ଏବଂ ନିରପେକ୍ଷ, ଅଂଶୁଭୁକ୍ତିକରଣ ତଥା ଅନୁପାଳନକାରୀ କର୍ମକ୍ଷେତ୍ର ଅଭ୍ୟାସକୁ ସୁଦୃଢ଼ କରିବା। ଏହି ଅଧିବେଶନ ନାଡ଼ିଡ଼ିହି ଆଇରନ୍ ଏବଂ ଏମ୍ଏନ୍ ଖଣି କାର୍ଯ୍ୟାଳୟ ସମାବେଶ ପଏଂଟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ନାଡ଼ିଡ଼ିହି ଲୁହା ଖଣି ଏବଂ ନାଡ଼ିଡ଼ିହି ଆଇରନ୍ ତଥା ଇଏସ୍ଏଲ୍ ଷ୍ଟିଲ୍ ଲିମିଟେଡର ଏମ୍ଏନ୍ ଖଣିର କର୍ମଚାରୀ, ଶ୍ରମିକ ଓ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସାମିଲ କରାଯାଇଥିଲା। ଏହି ଅଧିବେଶନକୁ ନାସିନା ବଲ ସୁବ୍ରହ୍ମଣ୍ୟମ, ଡିଏମ୍ଏସ୍ ଭୁବନେଶ୍ୱର ରିଜିଅନ-୨, ଉଲିମେଲା ଶିବ ଶଙ୍କର, ଡିଡିଏମ୍ଏସ୍ ଭୁବନେଶ୍ୱର ରିଜିଅନ-୨, ଶଙ୍କର୍ଷଣ ବେହେରା, ଡିଏମ୍ଏସ୍ ମେକାନିକାଲ୍, ଦକ୍ଷିଣ-ପୂର୍ବ ଜୋନ୍, ରାଂଚି, ମହେଶ୍ୱର ରେଡ୍ଡୀ କନ୍ନଲା, ଡିଏମ୍ଏସ୍-ଇଲେକ୍ଟ୍ରିକାଲ୍, ଦକ୍ଷିଣ-ପୂର୍ବ ଜୋନ୍, ରାଂଚି ପରିଚାଳନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ନୂତନ ଶ୍ରମ ସଂହିତା ଅଧୀନରେ ପ୍ରମୁଖ ଅପଡେଟ୍‌ଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯେଉଁଥିରେ ମହିଳା ନିଯୁକ୍ତି, ଲିଙ୍ଗଗତ ବୈଷମ୍ୟ ନିବାରଣ, ମାତୃତ୍ୱ ସୁବିଧା, ସମାନ କାମ ପାଇଁ ସମାନ ଦରମା, ନିୟନ୍ତ୍ରିତ କାର୍ଯ୍ୟ ଘଂଟା, ଉନ୍ନତ ସ୍ୱାସ୍ଥ୍ୟ ସୁବିଧା, ମହିଳା କର୍ମଚାରୀଙ୍କ ପାଇଁ ନାଇଟ୍ ସିଫ୍ଟରେ କାମ କରିବାର ସୁଯୋଗ, ପରିବାର ପରିଭାଷା ପରିବର୍ଦ୍ଧିତ କରିବା ଏବଂ ଗ୍ରାଚ୍ୟୁଇଟି ତଥା ବୀମା କଭରେଜ୍ ସମ୍ବନ୍ଧୀୟ ବ୍ୟବସ୍ଥା ଆଦି ଅଂଶୁଭୁକ୍ତ ଥିଲା।



ଅଧିବେଶନରେ ଏଜେଂଟ, ପରିଚାଳକ, ସହକାରୀ ପରିଚାଳକ, ଫୋରମେନ୍, ଖଣି ସାଥୀ, ଏଚ୍ଇଏମ୍ଏମ୍ ଅପରେଟର, ହାଉସକିପିଂ ଷ୍ଟାଫ୍ ପ୍ରଭୃତିଙ୍କ ସମେତ ୧୫୦ ରୁ ଅଧିକ କର୍ମଚାରୀ, ଶ୍ରମିକ ଏବଂ ବ୍ୟବସାୟିକ ଅଂଶୀଦାର ଅଂଶଗ୍ରହଣ କରିଥିଲେ। ଉଲିମେଲା ଶିବ ଶଙ୍କର, ଡିଡିଏମ୍ଏସ୍ ଭୁବନେଶ୍ୱର ରିଜିଅନ-୨ ନୂତନ ଶ୍ରମ ସଂହିତାର ଲାଭ ବିଶେଷ ଭାବରେ ପୂର୍ବ ନିୟମ ଏବଂ ନିୟମାବଳୀରୁ ପରିବର୍ତ୍ତନ ଏବଂ କର୍ମଶକ୍ତି ପାଇଁ ସାମଗ୍ରିକ ସୁବିଧା ଉପରେ ଆଲୋକପାତ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣୀକରଣ ଖୋଜିବାକୁ ଏବଂ ବ୍ୟାପକ ପ୍ରଶ୍ନର ବିସ୍ତୃତ ଉତର ପ୍ରଦାନ କରିବାକୁ ଉତ୍ସାହିତ କରିଥିଲେ। ଏହି ପଦକ୍ଷେପ ବିଷୟରେ ନିଜର ମତ ପ୍ରକାଶ କରି ସେ କହିଥିଲେ, ସଚେତନତା ଅଧିବେଶନ ସମ୍ପ୍ରତି ଶ୍ରମ ସଂହିତା ସଂଶୋଧନକୁ ସରଳ କରିବା ଏବଂ ଦୈନନ୍ଦିନ କାର୍ଯ୍ୟକ୍ଷେତ୍ର ଅଭ୍ୟାସରେ କିପରି ଅନୁବାଦିତ ହୁଏ ତାହା ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିବା ପାଇଁ ଡିଜାଇନ୍ କରାଯାଇଛି। ଅଧିବେଶନର ଅଂଶଗ୍ରହଣକାରୀ ନୟାରାଣୀ ଏବଂ ସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମାଇନ୍ ଫୋରମ୍ୟାନ୍ ରାଜେଶ ପାଣ୍ଡେ କହିଛନ୍ତି, ଏହା ଏକ ସୂଚନାପ୍ରଦ ଅଧିବେଶନ ଥିଲା ଏବଂ ନୂତନ ଶ୍ରମ ସଂହିତାର ପରିବର୍ତ୍ତନ ଏବଂ ପ୍ରମୁଖ ବ୍ୟବସ୍ଥାଗୁଡ଼ିକୁ ବୁଝିବାରେ ଆମକୁ ସାହାଯ୍ୟ କରିଥିଲା। ଆମେ ଏବେ ପ୍ରମୁଖ ଦିଗଗୁଡ଼ିକ ବିଷୟରେ ଭଲ ଭାବରେ ଅବଗତ ଏବଂ ବିଶ୍ୱାସ କରୁଛୁ ଯେ ଏହି ପରିବର୍ତ୍ତନଗୁଡ଼ିକ ଭବିଷ୍ୟତରେ ଲାଭଦାୟକ ପ୍ରମାଣିତ ହେବ।

ଏହି ପଦକ୍ଷେପ ନୂତନ ଶ୍ରମ ସଂହିତା ଉପରେ ଆଇନଗତ ବୁଝାମଣା ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା ଏବଂ ଏହି ସମ୍ପର୍କରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ଅଧିକ ସ୍ୱଚ୍ଛତା ବୃଦ୍ଧି କରିବାରେ ମଧ୍ୟ ଯୋଗଦାନ ଦେଇଥିଲା। ବେଦାନ୍ତ IOO ଅଧିକାରୀ ଏବଂ ଅଂଶଗ୍ରହଣକାରୀମାନେ ସଚେତନତା ଅଧିବେଶନ ପରିଚାଳନା ପାଇଁ ସେମାନଙ୍କର ମୂଲ୍ୟବାନ ସମୟ ଏବଂ ପ୍ରୟାସ ପାଇଁ ଅଧିକାରୀମାନଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। କର୍ମଚାରୀମାନଙ୍କୁ ସାମ୍ବିଧାନିକ ପରିବର୍ତ୍ତନ ଏବଂ କର୍ମଚାରୀ କଲ୍ୟାଣ ବ୍ୟବସ୍ଥାରେ ସକ୍ରିୟ ଭାବରେ ସାମିଲ କରି, ବେଦାନ୍ତ ଆଇଓଓ ନୈତିକ କାର୍ଯ୍ୟ, କର୍ମଚାରୀ କଲ୍ୟାଣ ଏବଂ ଏକ ସମ୍ମାନଜନକ ଏବଂ ସମାନ କାର୍ଯ୍ୟ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରୁଛି।

